# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ• ମୂଲ୍ୟ-୫ଟଙ୍କା

VOL NO. - 12, ISSUE NO. - 02, DATE : 16.01.2025 - 31.01.2025 FORTNIGHTLY (ODIA), BHUBANESWAR. PAGES-08




**ସର୍ବହରାର ମହାନ ନେତା**
**ଋଷ ବିପ୍ଳବର ରୂପକାର**
**କମ୍ରେଡ୍ ଲେନିନଙ୍କ ୧୦୧ତମ**
**ମୃତ୍ୟୁ ବାର୍ଷିକୀରେ**

## ଗଭୀର ଶ୍ରଦ୍ଧାଞ୍ଜଳି

ଜନ୍ମ - ୨୦ ଏପ୍ରିଲ ୧୮୭୦
ମୃତ୍ୟୁ - ୨୧ ଜାନୁଆରୀ ୧୯୨୪

# ଘରୋଇ ବିଦ୍ୟୁତ ବଣ୍ଟନ କମ୍ପାନୀ ସ୍ୱାର୍ଥରେ ପ୍ରିପେଡ ସ୍ମାର୍ଟ ବିଦ୍ୟୁତ ମିଟର ପ୍ରଚଳନ ଓ ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବିରୁଦ୍ଧରେ ଶକ୍ତିଶାଳୀ ଆନ୍ଦୋଳନ ଗଢିତୋଳନ୍ତୁ

ବର୍ତ୍ତମାନ ପରିସ୍ଥିତିରେ ସବୁଠାରୁ ଅଧିକ ପ୍ରୟୋଜନୀୟ ସେବା କ୍ଷେତ୍ର ବିଦ୍ୟୁତ୍‌କୁ ଲାଭଖୋର ଘରୋଇ କମ୍ପାନୀମାନଙ୍କ ହାତକୁ ଟେକି ଦିଆଯାଉଛି। ତାର ପରିଣତି ହେଉଛି ନିଷ୍ଠୁର ଓ ଅନ୍ୟାୟ ଭାବେ ଦେଶ ସାରା ସୀମାହୀନ ବିଦ୍ୟୁତ ଶୁଳ୍କ ବୃଦ୍ଧି। ଘରୋଇ କମ୍ପାନୀମାନଙ୍କ ସ୍ୱାର୍ଥରେ ବିଦ୍ୟୁତ୍‌କୁ ପ୍ରୟୋଜନୀୟ ସେବାକ୍ଷେତ୍ର ପରିବର୍ତ୍ତେ ଅତ୍ୟଧିକ ଲାଭକାରୀ କ୍ଷେତ୍ରରେ ପରିଣତ କରିବାର ଜଘନ୍ୟ ପରିକଳ୍ପନା କରାଯାଉଛି। ବିଗତ ଶତାବ୍ଦୀର ନବେଦଶକରେ ତତ୍‌କାଳୀନ କଂଗ୍ରେସ ସରକାର ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ଉଦାରୀକରଣ ଓ ଜଗତିକରଣ ନୀତି ପ୍ରଚଳନ କରିବା ପରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ କ୍ଷେତ୍ରକୁ ଘରୋଇକରଣ କରିବା ଆରମ୍ଭ ହେଲା। ଶିକ୍ଷା, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଘରୋଇକରଣ ପ୍ରକ୍ରିୟା ଚାଲିଲା। ତାର ଧାରାବାହିକତାରେ କେନ୍ଦ୍ରରେ କ୍ଷମତାସୀନ ଅଟଳ ବିହାରୀ ବାଜପେୟୀ ନେତୃତ୍ୱାଧୀନ ବିଜେପି ପରିଚାଳିତ ଏନ୍‌ଡିଏ ସରକାର ବିଦ୍ୟୁତ(ବଣ୍ଟନ) ଆଇନ୧୯୪୮କୁ ଉଚ୍ଛେଦ କରି ବିଦ୍ୟୁତ୍ ଆଇନ ୨୦୦୩ ପ୍ରଣୟନ କଲେ। ସେତେବେଳେ ଏହି ଏନ୍‌ଡିଏ ସରକାରରେ ବିଜେଡି ମଧ୍ୟ ଅଂଶୀଦାର ଥିଲା ଏବଂ ଓଡିଶା ରାଜ୍ୟରେ ବିଜେଡି-ବିଜେପି ମିଳିତ ସରକାର ଶାସନ କ୍ଷମତାରେ ଥିଲେ। ଏହି ବିଦ୍ୟୁତ ଆଇନ ୨୦୦୩ ପ୍ରଣୟନ କରି ରାଜ୍ୟଗୁଡିକରେ ସରକାରଙ୍କ ପରିଚାଳନାରେ ଚାଲୁଥିବା ରାଜ୍ୟ ବିଦ୍ୟୁତ ବୋର୍ଡଗୁଡିକୁ ଭାଙ୍ଗି ଦିଆଗଲା ଏବଂ ବିଦ୍ୟୁତ କ୍ଷେତ୍ରରେ ଘରୋଇ କମ୍ପାନୀମାନଙ୍କୁ ପ୍ରବେଶ ପାଇଁ ଆନଗତ ସ୍ୱୀକୃତି ପ୍ରଦାନ କରାଗଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୯୯୭ ମସିହାରେ ଓଡିଶାରେ କ୍ଷମତାସୀନ କଂଗ୍ରେସ ସରକାର ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡକୁ ଭାଙ୍ଗି ବିଦ୍ୟୁତ ଉତ୍ପାଦନ, ଟ୍ରାନସମିସନ ଓ ବଣ୍ଟନ ପାଇଁ ଅଲଗା ଅଲଗା ନିଗମମାନ ଗଠନ କଲେ। ବିଦ୍ୟୁତ ଉତ୍ପାଦନ ପାଇଁ ଓଡିଶା ପାୱାର ଜେନେରସ କର୍ପୋରେସନ, ଟ୍ରାନସମିଶନ କର୍ପୋରେସନ ଲିଃ ଏବଂ ବିଦ୍ୟୁତ ବଣ୍ଟନ ବ୍ୟବସ୍ଥା ନିମନ୍ତେ ସେସ୍କୋ, ନେସ୍କୋ, ସାଉଥ୍‌କୋ ଓ ୱେସ୍କୋ ପ୍ରତିଷ୍ଠା କରାଗଲା। ବିଦ୍ୟୁତ ବଣ୍ଟନ ପାଇଁ ଓଡିଶା ରାଜ୍ୟ ସରକାର ବିଭିନ୍ନ ସମୟରେ ବିଏସ୍‌ଇଏସ୍, ଓ ଏନ୍‌ଜେନ ଭଳି ଘରୋଇ ବିଦ୍ୟୁତ ବଣ୍ଟନ କମ୍ପାନୀମାନଙ୍କୁ ଦାୟିତ୍ୱ ଦେଇ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଜୁଲୁମ ଶୋଷଣର ଶୀକାର କରାଇଥିବାବେଳେ ଉପଭୋକ୍ତାମାନଙ୍କଠାରୁ ଆଦାୟ କରାଯାଇଥିବା ହଜାର ହଜାର କୋଟି ଟଙ୍କା ଲୁଟ କରି ଘରୋଇ କମ୍ପାନୀମାନେ ପଳାଇଛନ୍ତି। ୨୦୨୦ ମସିହାରେ ବିଦ୍ୟୁତ ବଣ୍ଟନ କ୍ଷେତ୍ରରେ ଘରୋଇ ବିଦ୍ୟୁତ କମ୍ପାନୀ ଟାଟା ପାୱାରର ୫୧ଶତାଂଶ ଓ ଓଡିଶା ରାଜ୍ୟ ସରକାରଙ୍କ ୪୯ ଶତାଂଶ ଅଂଶଧନକୁ ନେଇ ଟାଟା ପାୱାର ପରିଚାଳନାରେ ପ୍ରଥମେ ଟାଟା ପାୱାର ସେଣ୍ଟ୍ରାଲ ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ(TPCODL) ଗଠନ ହେଲା ଏବଂ ପରେ ଟାଟା ପାୱାର ନଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ(TPNODL), ଟାଟା ପାୱାର ସାଉଦର୍ଣ୍ଣ ଓଡିଶା ଡ୍ରିଷ୍ଟ୍ରିବ୍ୟୁସନ ଲିମିଟେଡ(TPSODL) ଓ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ(TPWODL) ପ୍ରତିଷ୍ଠା କରାଗଲା। ବର୍ତ୍ତମାନ ଟାଟା ପାୱାରର ପରିଚାଳନାରେ ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାରେ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଉନ୍ନତ ବିଦ୍ୟୁତ ସେବା ଯୋଗାଇ ଦେବାର କୌଣସି ବ୍ୟବସ୍ଥା ହୋଇନାହିଁ, ବରଂ ବିଦ୍ୟୁତ ଉପଭୋକ୍ତାମାନଙ୍କଠାରୁ ଜୋର ଜୁଲୁମ କରି ଅତ୍ୟଧିକ ବିଦ୍ୟୁତ ଶୁଳ୍କ ଆଦାୟ କରିବାର ଯୋଜନା ଚାଲିଛି। ଓଡିଶା ରାଜ୍ୟ ବିଦ୍ୟୁତ ନିୟାମକ କମିଶନ(OERC) ଘରୋଇ ବିଦ୍ୟୁତ ବଣ୍ଟନ କମ୍ପାନୀ ଟାଟା ପାୱାରର ସ୍ୱାର୍ଥରେ ବିଭିନ୍ନ ସମୟରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ଓ ଅତିରିକ୍ତ ସିକ୍ୟୁରିଟି ଡିପୋଜିଟ(Additional Security Deposite)କୁ ବିଦ୍ୟୁତ ଉପଭୋକ୍ତାମାନଙ୍କ ଉପରେ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି। ବିଦ୍ୟୁତ ଉପଭୋକ୍ତାମାନଙ୍କ ଘରେ ବସା ଯାଇଥିବା ଡିଜିଟାଲ ସ୍ମାର୍ଟ ମିଟର ମାଧ୍ୟମରେ ଯେଉଁ ବିଦ୍ୟୁତ ବିଲ ଆସୁଛି ସେଥିରେ ଅସଂଗତ, ଅଯୌକ୍ତିକ ଅତ୍ୟଧିକ ବିଜୁଳି ବିଲ ଆସୁଛି ଏବଂ ଏହାଫଳରେ ବିଦ୍ୟୁତ ଉପଭୋକ୍ତାମାନେ ଚରମ ଶୋଷଣର ଶୀକାର ହେଉଛନ୍ତି।

ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଘରୋଇ ବିଦ୍ୟୁତ ବଣ୍ଟନ କମ୍ପାନୀମାନେ ଯେତିକି ପରିମାଣର ଶୋଷଣ କରି ଅତ୍ୟଧିକ ଲାଭ କରୁଛନ୍ତି ସେତିକିରେ ସେମାନେ ସନ୍ତୁଷ୍ଟ ନୁହନ୍ତି। ତେଣୁ ଘରୋଇ ବିଦ୍ୟୁତ ବଣ୍ଟନ କମ୍ପାନୀ ଆଦାନୀ,

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

# ଓଡିଶାରେ ପ୍ରବାସୀ ଭାରତୀୟ ଉତ୍ସବର ଭିତିରି କଥା

ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ମହା ସମାରୋହରେ ଶେଷ ହୋଇଛି। ପୂର୍ବୋଦୟ ବିକାଶ ଯୋଜନା କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଶ୍ରୀ ନରେନ୍ଦ୍ର ମୋଦି ଓଡିଶାକୁ ଆଶୀର୍ବାଦ କଲେ ଏତେବଡ଼ ଉତ୍ସବ ପାଳିବାର ସୌଭାଗ୍ୟ ଲାଭ କରିବାକୁ ବୋଲି ରାଜ୍ୟ ବିଜେପି ସରକାର ତରଫରୁ ପ୍ରଚାର ଚାଲିଛି।

ଏହାକୁ ବିଶାଳ, ଭବ୍ୟ, ଦିବ୍ୟ, ଅବିଶ୍ୱସନୀୟ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ଦାନ୍ତ କାମୁଡି ଲାଗି ପଡ଼ି ଥିଲେ। ଗଣ୍ଡା ଗଣ୍ଡା କେନ୍ଦ୍ର ମନ୍ତ୍ରୀ, ମୁଖ୍ୟ ମନ୍ତ୍ରୀ, ରାଜ୍ୟର ବହୁ ମନ୍ତ୍ରୀ, ମୁଖ୍ୟ ସଚିବ, ବରିଷ୍ଠ ସଚିବ, ଉଚ୍ଚ ପୁଲିସ ଅଧିକାରୀ, ଅସଂଖ୍ୟ ଉଚ୍ଚ ପଦସ୍ଥ ଅଫିସର ରାତି ଦିନ ଲାଗି ଥିଲେ । ସୁରକ୍ଷା ଓ ଶାନ୍ତି ଶୃଙ୍ଖଳା ପାଇଁ ୯୦ ପ୍ଲାଟୁନ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜିତ ହୋଇଥିଲେ। ସହରର ସଫେଇ କାର୍ଯ୍ୟ ପାଇଁ ଭୁବନେଶ୍ୱର ମୁନିସିପାଲ କର୍ପୋରେସନ ନିଜସ୍ୱ କର୍ମଚାରୀଙ୍କ ଛଡା ଅଧିକ ୪୦୦ କର୍ମଚାରୀଙ୍କୁ ନିୟୋଜିତ କରିଥିଲା। ତା ଛଡା ଛୋଟ ବଡ ରାସ୍ତା, କାନ୍ଥ, ପାଚେରୀ, ଓଭର୍ ବ୍ରିଜ, ପାର୍କ ସବୁ ରଙ୍ଗ ତୂଳୀର ଯାଦୁକାରୀରେ ଜୀବନ୍ତ ହୋଇ ଉଠିଲା। ଏକ ହଜାରରୁ ଊର୍ଦ୍ଧ୍ୱ ଚିତ୍ରଶିଳ୍ପୀ ଦିନ ରାତି ବିଭିନ୍ନ ଚିତ୍ର ଆଙ୍କି ଚାଲିଥିଲେ - କେଉଁଠି କୃଷକ ଚାଷ କରୁଛି, କେଉଁଠି ଗ୍ରାମ୍ୟ ରମଣୀ ରୋଷେଇ କରୁଛି, କେଉଁଠି ଆଦିବାସୀ ତରୁଣୀମାନେ ଝୁମି ଝୁମି ନାଚୁଛନ୍ତି, କେଉଁଠି ଫୁଲ ଗଛ ଲତା, ପାହାଡ଼, ପର୍ବତ, ଝରଣା, ବାଘ ଭାଲୁ, ହରିଣ, କେଉଁଠି ମନ୍ଦିର, କେଉଁଠି ସୁସଜ୍ଜିତ ଗଛ, କେଉଁଠି ସୋଲାର ବୃକ୍ଷ, କେଉଁଠି ଶଗଡ଼ ଗାଡି, କେଉଁଠି ସାଧବ ପୁଅର ନୌ ଯାତ୍ରା, ଭୁବନେଶ୍ୱରର ଅପରୂପ ସୌନ୍ଦର୍ଯ୍ୟରେ ମୁଗ୍ଧ ହେଲେ ଦର୍ଶକ, ପ୍ରବାସୀ ଭାରତୀୟ। ୧୦୮ କିଲୋମିଟର ବ୍ୟାପୀ ସଡକର ସଫେଇ ଓ ସୌନ୍ଦର୍ଯ୍ୟକରଣ କରାଗଲା, ସରକାରୀ କଲ ବେସରକାରୀ ସଂସ୍ଥା, ଶ୍ରମିକ ଓ କର୍ମଚାରୀ ପ୍ରାଣମୂର୍ଚ୍ଛା ଲାଗିଥିଲେ ଏହି ପର୍ବକୁ ସବୁ ଦିଗରୁ ସଫଳ କରିବାକୁ। ଇଭେଣ୍ଟ ମ୍ୟାନେଜମେଣ୍ଟରେ ସୁଖ୍ୟାତି ଅର୍ଜନ କରିଥିବା ଦିଲ୍ଲୀର ଏକ ସଂସ୍ଥାକୁ ୧୭୨ କୋଟି ଟଙ୍କାର କଣ୍ଟ୍ରାକ୍ଟ ଦିଆ ଯାଇଥିଲା ଜନତା ମୈଦାନକୁ ସଜାଇବାକୁ, ନାଚ ଗୀତ, ଓଡିଶା, ଭାରତର ଗୌରବମୟ ଅତୀତ, ରାମାୟଣ, କଳିଙ୍ଗ ଯୁଦ୍ଧର ବିଭୀଷିକା - ଚଣ୍ଡାଶୋକରୁ ଧର୍ମାଶୋକ ଚିତ୍ର ପ୍ରଦର୍ଶନ ଆଦି ବିଭିନ୍ନ କାର୍ଯ୍ୟକ୍ରମ, ଆଲୋକ ମାଳାର ଭିନ୍ନ ଭିନ୍ନ ଥିମ୍‌ରେ ଦର୍ଶକଙ୍କୁ ପରଷି ଦେବାକୁ। ଏହା ବ୍ୟତୀତ କାର୍ଯ୍ୟକ୍ରମ ପାଇଁ ବିପୁଳ ଅର୍ଥ ବରାଦ କରାଯାଇଥିଲା। ଯେଉଁମାନେ ଦେଖିଛନ୍ତି କହୁଛନ୍ତି ସତେ ଯେମିତି କେଉଁ ଏକ ସମୃଦ୍ଧ ସହରର ଭ୍ରମ ସୃଷ୍ଟି କରୁଥିଲା ଜନତା ମଇଦାନ। ଅତ୍ୟନ୍ତ ଆକର୍ଷଣୀୟ ଓ ଅତ୍ୟନ୍ତ ମନମୁଗ୍ଧକର ଥିଲା ପ୍ରତ୍ୟେକ କାର୍ଯ୍ୟକ୍ରମ । ନବବଧୂକୁ ଦେଖିବାକୁ, ତାର ଆତିଥ୍ୟ ଗ୍ରହଣ କରିବାକୁ ବିଶାଳ ବରାତ୍ ନେଇ ଆସିଥିଲେ ପ୍ରାୟ ୧୬୦ ଦେଶରୁ ସାତ ହଜାରରୁ ଅଧିକ ପ୍ରବାସୀ ଭାରତୀୟ। କିଛି ବିଦେଶୀ ଅତିଥି ବି।

ଅତିଥିଙ୍କୁ ସ୍ୱାଗତ କରିବାକୁ ସହରର ବିଭିନ୍ନ ପାର୍କରେ, ପ୍ରଦର୍ଶନୀ ପଡିଆରେ, ସଂଗ୍ରହାଳୟ, ରବିନ୍ଦ୍ର ମଣ୍ଡପ, ଜୟଦେବ ଭବନରେ ଏମିତି ୧୪ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁଥିଲା। ପାରମ୍ପରିକ ନୃତ୍ୟ, ଓଡିଶୀ, ଲୋକ ନୃତ୍ୟ ଲାଗି ରହିଥିଲା। ରାସ୍ତାରେ ପଥ ମହୋତ୍ସବ, ଚଳଚ୍ଚିତ୍ର ଜଗତର ପ୍ରସିଦ୍ଧ କଳାକାର ମାନଙ୍କର ନାନା ଧରଣର କାର୍ଯ୍ୟକ୍ରମ ସହରବାସୀଙ୍କ ପାଇଁ ପରିବେଷଣ କରାଯାଇଥିଲା।

ସହରର କାନ୍ଥ, ବାଡ଼ରେ ଭଳି ଭଳି ଫଟୋ, ଚିତ୍ର କଳା ଦେଖି ଓଡ଼ିଶାର ଐତିହ୍ୟ, କଳା, ଭାସ୍କର୍ଯ୍ୟ, ଗୌରବମୟ ଇତିହାସ ବିଷୟରେ ଅବଗତ ହେଲା ବିଶ୍ୱ - ଏ କଥା ଗଳା ଫଟାଇ କହିଛନ୍ତି। ସରକାର ଓ ତାଙ୍କର ବଶମ୍ବଦ ଟିଭି ଓ ଖବରକାଗଜ ଓ ସେମାନଙ୍କ ଦ୍ୱାରା ନିୟନ୍ତ୍ରିତ ସାମାଜିକ ଗଣମାଧ୍ୟମ। ନବୀନ ସରକାର ଦୁଇଟି ହକି ବିଶ୍ୱ କପ୍ ସମୟରେ ଭୁବନେଶ୍ୱର, ରାଉରକେଲା, କଟକ ସହରର ସୌନ୍ଦର୍ଯ୍ୟକରଣ କରିଥିଲେ, ଆଉ କିଛି ଯାହା ବାକି ରହିଯାଇଥିଲା ସେ ସବୁ ସମ୍ପୂର୍ଣ୍ଣ କରିବା ସହିତ ହେଇଥିବା କାମ ଉପରେ ବି ରଙ୍ଗ ଉପରେ ରଙ୍ଗ ମାଖି ମୋହନ ସରକାର ବାହାବା ନେବା ପାଇଁ କୌଣସି ସୁଯୋଗ ହାତ ଛଡା କରି ନାହାନ୍ତି।

ଭୁବନେଶ୍ୱର ନବବଧୂ ପରି ତ ସଜେଇ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଭିତର ପୃଷ୍ଠାରେ


- ★ ପୁଞ୍ଜିପତି ମାନଙ୍କ ଟଙ୍କାରେ ଚାଲୁଥିବା ଦଳ ଗୁଡିକ ପକ୍ଷରେ ଜନଗଣଙ୍କ ସ୍ୱାର୍ଥ ରକ୍ଷା କରିବା ସମ୍ଭବ ନୁହେଁ
- ★ ଚାକଚକ୍ୟର ଛଦ୍ମବେଶ ତଳେ - ସରକାରୀ ଶିକ୍ଷାର ଆର୍ତ୍ତ ଚିତ୍କାର
- ★ ହତାଶାଗ୍ରସ୍ତ ଆତ୍ମହତ୍ୟା ମୁହାଁ ଚାଷୀ ଓ ଚୂଡାନ୍ତ ଭାବରେ ଉଦାସୀନ ରାଜ୍ୟ ତଥା କେନ୍ଦ୍ର ସରକାର
- ★ ୱାକଫ୍ ସଂଶୋଧନ ପାଇଁ ବିଜେପି ଏତେ ଉଦ୍‌ବିଗ୍ନ କାହିଁକି?

# ପୁଞ୍ଜିପତି ମାନଙ୍କ ଟଙ୍କାରେ ଚାଲୁଥିବା ଦଳ ଗୁଡିକ ପକ୍ଷରେ ଜନଗଣଙ୍କ ସ୍ୱାର୍ଥ ରକ୍ଷା କରିବା ସମ୍ଭବ ନୁହେଁ

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପାର୍ଟି ଜନଜୀବନର ଜ୍ୱଳନ୍ତ ସମସ୍ୟା ନେଇ ଗଣଆନ୍ଦୋଳନ କରି ଆସୁଅଛି । ଶିକ୍ଷା ସମସ୍ୟା, କୃଷକ ମାନଙ୍କ ସମସ୍ୟା, ସଂଗଠିତ ଅସଂଗଠିତ ଶ୍ରମିକ କର୍ମଚାରୀ ମାନଙ୍କ ସମସ୍ୟା, ବସ୍ତିବାସିନ୍ଦା ମାନଙ୍କ ସମସ୍ୟା ନେଇ ଲଗାତର ଆନ୍ଦୋଳନର କର୍ମସୂଚୀ ସହ ଅଗ୍ରସର ହେଉଛି। ଏହି କର୍ମସୂଚୀ ପାଇଁ ପ୍ରଚାର ପ୍ରସାର ଯେମିତି ଚାଲେ, ସେମିତି ଏହା ପାଇଁ ଆବଶ୍ୟକ ଖର୍ଚ୍ଚ, ଦଳର କର୍ମୀମାନେ ଘରେ ଘରେ ବୁଲି, ଦୋକାନ ବଜାର, ରାସ୍ତା ଘାଟ, ଟ୍ରାଫିକ ପୋଷ୍ଟରେ ଛିଡା ହୋଇ ଜନସାଧାରଣଙ୍କ ପାଖରୁ ସଂଗ୍ରହ କରନ୍ତି। ନିର୍ବାଚନ ସମୟରେ ଦଳର କର୍ମୀ ମାନେ ଘରକୁ ଘର ଯାଇ ନିଜ ପ୍ରାର୍ଥୀ ମାନଙ୍କୁ ଭୋଟ ଦେବା ପାଇଁ ଅନୁରୋଧ କରନ୍ତି। ପୁଣି ସେମିତି ଭୋଟ ପାଇଁ ଆବଶ୍ୟକ ଖର୍ଚ୍ଚ ସେମାନେ ଭୋଟରଙ୍କ ପାଖରୁ ହିଁ ସଂଗ୍ରହ କରନ୍ତି। ଅନ୍ୟ ଦଳମାନେ ବି କିଛି ନା କିଛି ବିଷୟ ନେଇ ଆନ୍ଦୋଳନର ଡାକରା ଦିଅନ୍ତି। ନିର୍ବାଚନ ଲଢନ୍ତି। ସେମାନେ କେବେହେଲେ ଜନଗଣଙ୍କଠାରୁ ପାଣ୍ଠି ସଂଗ୍ରହ କରିବା କେହି କେବେ ଦେଖିଛନ୍ତି କି? ତେବେ ଏହି ସବୁ କାର୍ଯ୍ୟକ୍ରମରେ ସେମାନେ ଯେଉଁ ବିପୁଳ ଅର୍ଥ ବ୍ୟୟ କରନ୍ତି ତାହା ଆସେ କେଉଁଠାରୁ? ଏହିସବୁ ଦଳମାନଙ୍କର ବିଳାସପୂର୍ଣ୍ଣ କାର୍ଯ୍ୟାଳୟ ପାଇଁ କିଏ ଟଙ୍କା ଦିଏ? କେବଳ ଲୋକ ଦେଖାଣିଆ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ନୁହେଁ, ଏହି ସବୁ ଦଳର ନେତାମାନଙ୍କର ବିଳାସମୟ ଜୀବନଯାତ୍ରା, ଗାଡି ଘୋଡା, ଘରଦ୍ୱାର ପାଇଁ ଆବଶ୍ୟକ ବିପୁଳ ଅର୍ଥ କେଉଁଠୁ ଆସେ?

### ଶାସକ ଦଳ ଗୁଡିକ ଚଳନ୍ତି ପୁଞ୍ଜିପତିମାନକ ଟଙ୍କାରେ

ଗତ ଡିସେମ୍ବରରେ ଜାତୀୟ ନିର୍ବାଚନ କମିଶନ ପ୍ରଦତ୍ତ ତଥ୍ୟ ରୁ ଏହାର ସଠିକ ଉତ୍ତର ମିଳିବ। ଏହି ରିପୋର୍ଟରେ ଦର୍ଶାଯାଇଛି, ୨୦୨୩-୨୪ ଆର୍ଥିକ ବର୍ଷରେ, ଟ୍ରଷ୍ଟ ବା କର୍ପୋରେଟ ସଂସ୍ଥା ମାନଙ୍କଠାରୁ ଯେଉଁ ସବୁ ରାଜନୈତିକ ଦଳ ଚାନ୍ଦା ପାଇଛନ୍ତି ସେମାନଙ୍କ ମଧ୍ୟରେ ଆଗରେ ଅଛି ବିଜେପି। ବିଜେପି ପାଇଥିବା ଅନୁଦାନର ପରିମାଣ ୨ ହଜାର ୨୨୪ କୋଟି ଟଙ୍କା। ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ବିଜେପି ପାଇଥିବା ଚାନ୍ଦାଠାରୁ ଏହା ତିନି ଗୁଣ ବେଶୀ। କଂଗ୍ରେସ ପାଇଛି ୨୮୮.୯ କୋଟି ଟଙ୍କା। ଗତ ବର୍ଷ କଂଗ୍ରେସ ପାଇଥିବା ଚାନ୍ଦାର ପରିମାଣ ୭୯.୯ କୋଟି ଟଙ୍କା ଥିଲା।

ଏହି ଟଙ୍କା କେଉଁ ମାନେ ଦିଅନ୍ତି ତାହା ଗୋପନ ରଖିବା ପାଇଁ ବିଜେପି କ୍ଷମତାସୀନ ହେବାପରେ ନିର୍ବାଚନୀ ବଣ୍ଡ (Electoral Bond) ଚାଲୁ କରିଥିଲା। ଏହା ଦ୍ୱାରା ଏହି ଅନୁଦାନ ଟଙ୍କା କିଏ ଦେଇଛନ୍ତି ତାହା ସାଧାରଣ ଭାବେ ଜଣା ପଡିବ ନାହିଁ। ଏହି ବଣ୍ଡ ଜରିଆରେ କାର୍ଯ୍ୟତଃ ଶାସକ ଦଳକୁ ଲାଂଚ ଆକାରରେ ପ୍ରଚୁର ଅର୍ଥ ପ୍ରଦାନ କରି ଅବୈଧ ଉପାୟରେ ବଡ ବଡ ପୁଞ୍ଜିପତି ଓ ବ୍ୟବସାୟୀ ଗୋଷ୍ଠୀ ନାନା ସରକାରୀ ସୁବିଧା ସୁଯୋଗ ପାଉଥିଲେ ବୋଲି ବର୍ତ୍ତମାନ ପ୍ରମାଣିତ ହୋଇଛି। ଏହି ପରିସ୍ଥିତିରେ ସୁପ୍ରିମ କୋର୍ଟ ନିର୍ବାଚନୀ ବଣ୍ଡକୁ ଅସାମ୍ବିଧାନିକ ଓ ବେଆଇନ ବୋଲି ଘୋଷଣା କରି ନିଷିଦ୍ଧ କରିଥିଲେ ଓ କେଉଁମାନେ ଏହି ବଣ୍ଡ ମାଧ୍ୟମରେ ରାଜନୈତିକ ଦଳଗୁଡିକୁ ଅନୁଦାନ ଦେଇଛନ୍ତି ତାହା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହା ଫଳରେ ଦେଖାଗଲା ଯେ ୨୦୧୯ ଏପ୍ରିଲ ଠାରୁ ୨୦୨୪ ଜାନୁଆରୀ ପର୍ଯ୍ୟନ୍ତ ବଣ୍ଡ ମାଧ୍ୟମରେ ବିଜେପି ଏକା ପାଇଛି ୬ ହଜାର ୬୦ କୋଟି ଟଙ୍କା। ଏହା ବଣ୍ଡ ମାଧ୍ୟମରେ ପ୍ରଦତ୍ତ ମୋଟ ଅନୁଦାନର ପ୍ରାୟ ଅର୍ଦ୍ଧେକ। ଅନ୍ୟ ଜାତୀୟ ଏବଂ ଆଂଚଳିକ ଦଳ ମାନେ ପାଇଛନ୍ତି ଅନୁଦାନର ବାକି ଅର୍ଦ୍ଧେକ ଟଙ୍କା।

### ପୁଞ୍ଜିପତିମାନେ ଶାସକ ଦଳମାନଙ୍କୁ ଟଙ୍କା ଦିଅନ୍ତି କାହିଁକି ?

ଯେ କୌଣସି ବ୍ୟକ୍ତି ନିଜ ପସନ୍ଦ ଦଳକୁ ଚାନ୍ଦା ଦେଇ ପାରନ୍ତି। କିନ୍ତୁ ଏହି ବିପୁଳ ପରିମାଣର ଚାନ୍ଦା କେଉଁ ସାଧାରଣ ସମର୍ଥକ ବା ସଦସ୍ୟର ଚାନ୍ଦା ନୁହେଁ, ଏହା ବ୍ୟବସାୟୀ ଏବଂ କର୍ପୋରେଟ ସଂସ୍ଥା ଗୁଡିକଦ୍ୱାରା ପ୍ରଦତ୍ତ ଟଙ୍କା। ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ, ବ୍ୟବସାୟୀ ସଂସ୍ଥା ଏବଂ ପୁଞ୍ଜିପତିମାନେ ଏତେ ବିପୁଳ ପରିମାଣରେ ଚାନ୍ଦା ରାଜନୈତିକ ଦଳଗୁଡିକୁ ବିଶେଷ କରି ବିଜେପିକୁ କ'ଣ ପାଇଁ ଦିଅନ୍ତି ?

ଏହା ସମସ୍ତଙ୍କୁ ଜଣା, ବ୍ୟବସାୟୀ, ଶିଳ୍ପପତିମାନେ ଗୋଟିଏ ଟଙ୍କା ଖର୍ଚ୍ଚ କଲାବେଳେ ମଧ୍ୟ ତାର ଲାଭ କ୍ଷତି ହିସାବ କରିଥାନ୍ତି। ତା ହେଲେ ଏହି ଅନୁଦାନ କ୍ଷେତ୍ରରେ ସେମାନେ ଏତେ ଉଦାର-ହସ୍ତ କଣ ପାଇଁ! ରାଜନୀତି ନାଁ କହିଲେ ସାଧାରଣତଃ ବ୍ୟବସାୟୀ-ଶିଳ୍ପପତିମାନେ ନାକ ଟେକିଥାନ୍ତି। ଉପଦେଶ ଦିଅନ୍ତି, ରାଜନୀତି କରନାହିଁ, କର୍ମ କର, କର୍ମ କଲେ ଦେଶର ବିକାଶ ହେବ। ତା'ହେଲେ ରାଜନୈତିକ ଦଳମାନଙ୍କୁ ସେମାନେ ଏତେ ବିପୁଳ ପରିମାଣର ଟଙ୍କା ଦିଅନ୍ତି କାହିଁକି? ବାସ୍ତବରେ ଏହା କୌଣସି ଉଦାରତା ର ବିଷୟ ନୁହେଁ। ରାଜନୈତିକ ଦଳମାନଙ୍କୁ ସେମାନେ ଟଙ୍କା ଦେଇ ତାର ଲାଭ-କ୍ଷତିର ଅଙ୍କ କଷନ୍ତି। ବ୍ୟବସାୟୀଙ୍କ ଟଙ୍କା ସେଠାରେ ଖଟେ ଯେଉଁଠାରେ ତାହା ବହୁଗୁଣିତ ହୋଇ ଫେରି ଆସିବାର ସମ୍ଭାବନା ଥାଏ। କିନ୍ତୁ, ରାଜନୈତିକ ଦଳ ମାନଙ୍କରୁ ଟଙ୍କା ବହୁଗୁଣିତ ହୋଇ ଫେରି ଆସେ କେମିତି ?

ପ୍ରାକ ସ୍ୱାଧୀନତା କାଳରୁ କଂଗ୍ରେସ ପୁଞ୍ଜିପତି ମାନଙ୍କ ଠାରୁ ଟଙ୍କା ନେଇଛି। ଅସଲରେ ଏମାନେ ଟଙ୍କା ଦିଅନ୍ତି ଶାସନ କ୍ଷମତାରେ ଥିବା ଦଳ ବା ଆଗାମୀ ଦିନରେ ଶାସନ କ୍ଷମତାକୁ ଆସିବାକୁ ଥିବା ଦଳକୁ। ଏ ଦେଶରେ ଶିଳ୍ପପତି-ପୁଞ୍ଜିପତିମାନେ ସ୍ୱାଧୀନତା ପରଠାରୁ କଂଗ୍ରେସ ଦଳ ପଛରେ ବିପୁଳ ଟଙ୍କା ବିନିଯୋଗ କରିଛନ୍ତି ଏବଂ ବିନିମୟରେ ସରକାର ଏବଂ ପ୍ରସାଶନକୁ କାମରେ ଲଗାଇ ସମସ୍ତ ପ୍ରକାର ସୁବିଧା ହାସଲ କରିଛନ୍ତି। କଂଗ୍ରେସ ସେମାନଙ୍କର ବିଶ୍ୱସ୍ତ ଏବଂ ନିର୍ଭରଯୋଗ୍ୟ ଦଳ ହିସାବରେ ଏହି ସୁବିଧା ଦେଇଛି। ପୂର୍ବରୁ କୁହାଯାଇଛି ଏହା ସ୍ୱାଧୀନତାର ଅନେକ ଆଗରୁ ଆରମ୍ଭ ହୋଇଥିଲା। କଂଗ୍ରେସ ୱାର୍କିଂ କମିଟିରେ ବହୁ ସଂଖ୍ୟକ ବଡ ବଡ ଧନୀ ଥିଲେ। ଯେମିତି ବିରଳା, ବଜାଜ, ସରାଭାଇ, ଲାଲ ଭାଇ ଓ ଅନ୍ୟାନ୍ୟ ଧନୀ ପୁଞ୍ଜିପତିମାନେ ଥିଲେ କଂଗ୍ରେସର ପୃଷ୍ଠପୋଷକ। ଗାନ୍ଧିଜୀ ନିଜେ ଦିଲ୍ଲୀରେ ବିରଳା ଭବନରେ ରହୁଥିଲେ। ଏ ସବୁ ଦେଖି କଂଗ୍ରେସର ଜଣେ ଶୀର୍ଷ ନେତା ଲାଲା ଲାଜପତ ରାୟ ଶିଳ୍ପପତିମାନଙ୍କଠାରୁ ଚାନ୍ଦା ନ ନେବା ପାଇଁ ଗାନ୍ଧିଜୀଙ୍କୁ କହିଥିଲେ। ସେ ଦଳ ଏବଂ ଆନ୍ଦୋଳନର ଖରଚ ପାଇଁ ଜନଗଣଙ୍କ ଉପରେ ନିର୍ଭର କରିବାକୁ ଗାନ୍ଧିଜୀଙ୍କୁ ଅନୁରୋଧ କରିଥିଲେ। ଗାନ୍ଧିଜୀ ସେହି ଅନୁରୋଧକୁ ଏଡାଇ ଯାଇ କହିଥିଲେ, କାହିଁକି ଧନୀ ମାନଙ୍କର କଣ ଦେଶକୁ ଭଲପାଇବାର ଅଧିକାର ନାହିଁ। ଗାନ୍ଧିଜୀ ବର୍ଣ୍ଣିତ ପୁଞ୍ଜିପତିମାନଙ୍କ ଦେଶପ୍ରେମର ଅସଲ ଚେହେରା ଟା କ'ଣ, ତାହା ସ୍ୱାଧୀନତାର ଗତ ପ୍ରାୟ ଆଠ ଦଶନ୍ଧି ଧରି ଦେଶର ଶ୍ରମିକ-କୃଷକ, ସାଧାରଣ ଜନତା ଜୀବନ ସାରା ଯନ୍ତ୍ରଣା , ଶୋଷଣ -ଲାଞ୍ଛନାର ତୀବ୍ରତା ମାଧ୍ୟମରେ ମର୍ମେ ମର୍ମେ ଉପଲବ୍ଧି କରୁଛନ୍ତି।

### ବର୍ତ୍ତମାନ କଂଗ୍ରେସର ସ୍ଥାନ ନେଇଛି ବିଜେପି

ଉପନିବେଶିକ ବ୍ରିଟିଶ ସରକାର ସହିତ ବୁଝାମଣା ଜରିଆରେ ଅର୍ଜିତ ସ୍ୱାଧୀନତାର ମଧ୍ୟଦେଇ ଭାରତ ଗୋଟିଏ ପୁଞ୍ଜିବାଦୀ ରାଷ୍ଟ୍ର ଭାବେ ପ୍ରତିଷ୍ଠିତ ହୋଇଛି। ଏ ପୁଞ୍ଜିବାଦୀ ପଥରେ, ବିକାଶର ସହାୟକ ସମସ୍ତ ନୀତି ଗ୍ରହଣ ମଧ୍ୟ ଦେଇ କଂଗ୍ରେସ ଦଳ ଦେଶକୁ ଦୀର୍ଘ ବହୁ ଦଶନ୍ଧି ଧରି ଶାସନ କରିଛି। ଶାସକ କଂଗ୍ରେସ ଏବଂ ପୁଞ୍ଜିପତି ତଥା ଶିଳ୍ପପତି ପରସ୍ପର ପରିପୂରକ ବୁଝାମଣା ମଧ୍ୟ ଦେଇ ଚାଲନ୍ତି। ଏହି ଭାବରେ ପୁଞ୍ଜିପତିମାନଙ୍କ ସ୍ୱାର୍ଥ ରକ୍ଷା କରିବାକୁ ଯାଇ ସ୍ୱାଭାବିକ ଭାବରେ କଂଗ୍ରେସ ତାର ଜନପ୍ରିୟତା ହରାଇବସେ। ସମୟକ୍ରମେ ଏକଚାଟିଆ ପୁଞ୍ଜିପତିରେ ପରିଣତ ହୋଇଥିବା ପୁଞ୍ଜିପତିମାନେ ସେତେବେଳେ ନିଜର ସ୍ୱାର୍ଥ ରକ୍ଷା ପାଇଁ ଆଉ ଗୋଟିଏ ବିକଳ୍ପ ନିର୍ଭରଯୋଗ୍ୟ ଦଳ ହିସାବରେ ବିଜେପିକୁ ଶକ୍ତିଶାଳୀ ହେବାରେ ସହାୟତା ପ୍ରଦାନ କରନ୍ତି। ଏହିଭଳି ଭାବରେ ବିଜେପି ଦଳର ଉତ୍‌ଥାନ ହୁଏ। ପୁଞ୍ଜିପତି ଶ୍ରେଣୀ ଶିବିର ବଦଳାଇ ବିଜେପି ନଉକାରେ ସବାର ହୁଅନ୍ତି । ସେଥିପାଇଁ ବର୍ତ୍ତମାନ ବିଜେପି ଅନୁଦାନ ଗ୍ରହଣ କ୍ଷେତ୍ରରେ ପୁଞ୍ଜିପତିମାନଙ୍କ ପ୍ରଥମ ପସନ୍ଦର ଦଳ।

### ଜନଗଣଙ୍କ ସମ୍ପଦକୁ ହିଁ ପୁଞ୍ଜିପତିମାନେ ଦାନ କରନ୍ତି

ଜାତୀୟ ସମ୍ପଦ, ରାଷ୍ଟ୍ରାୟତ୍ତ ଶିଳ୍ପ ଓ ସଂପତ୍ତିର ବେସରକାରୀକରଣ କଂଗ୍ରେସର ନରସିଂହ ରାଓ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିଲେ ହେଁ ଗତ ଏକ ଦଶନ୍ଧି ଧରି ବିଜେପି ଶାସନରେ ଏହା ଲଗାମ ଛଡା ଆକାର ଧାରଣ କରିଛି। ଶିକ୍ଷା, ସ୍ୱାସ୍ଥ୍ୟ, କଳ -କାରଖାନା, ରେଳବାଇ, ବ୍ୟାଙ୍କ, ବୀମା, ବନ୍ଦର, ଖଣିଖାଦାନ, ଜଙ୍ଗଲ-ଜମି ପ୍ରଭୃତି ଜାତୀୟ ସମ୍ପଦର ବ୍ୟାପକ ଘରୋଇକରଣ କରାଯାଉଛି। କାହା ହାତରେ ଏ ସବୁକୁ ଟେକି ଦିଆ ଯାଉଛି? ଏକଚାଟିଆ ପୁଞ୍ଜିପତିମାନଙ୍କ ହାତରେ। କୋଟି କୋଟି ଦେଶବାସୀଙ୍କ କଠିନ ପରିଶ୍ରମ ଓ ଟିକସ ଅର୍ଥରେ ଯେଉଁ ଜାତୀୟ ସମ୍ପତ୍ତି ଗୁଡିକ ଗଢି ଉଠିଥିଲା ତାହାକୁ ବିନା ମୂଲ୍ୟ ବା ନ୍ୟୁନତମ ମୂଲ୍ୟରେ ପୁଞ୍ଜିପତି ମାନଙ୍କ ହାତରେ ଟେକି ଦିଆଯାଉଛି। ଖାଲି ସେତିକି ନୁହେଁ, ସେମାନେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମାନଙ୍କରୁ ନେଇଥିବା ହଜାର ହଜାର କୋଟି ଟଙ୍କାର ଋଣ ମାଫ କରିଦିଆଯାଉଛି। ଟିକସ ଛାଡ କରିଦିଆଯାଉଛି। ହ୍ରାସ କରି ଦିଆଯାଉଛି କର୍ପୋରେଟ ଟିକସ। ଏସବୁ ଅସଲରେ ଜନଗଣଙ୍କ ସଂପତ୍ତି, ଜନଗଣଙ୍କ କଲ୍ୟାଣରେ ବିନିଯୋଗ ହେବା କଥା। ସେଥିରୁ ଜନଗଣଙ୍କୁ ବଂଚିତ କରି ସେ ସବୁକୁ ପୁଞ୍ଜିପତିମାନଙ୍କ ହାତରେ ଟେକି ଦେଉଛି ବିଜେପି ସରକାର।

ଅର୍ଥାତ, ପୁଞ୍ଜିପତି ଶ୍ରେଣୀର ଏକାନ୍ତ ଅନୁଗତ ସେବକ ହିସାବରେ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତି ମାନଙ୍କୁ ଶାସକ ବିଜେପି ସମସ୍ତ ପ୍ରକାର ସେବା ଯୋଗାଇ ଆସୁଛି। ଏହାର ପରିଣାମ କ'ଣ ହେଉଛି? ଦେଶର ସମ୍ପଦ କେନ୍ଦ୍ରୀଭୂତ ହେଉଛି ମୁଷ୍ଟିମେୟ ଏକଚାଟିଆ ପୁଞ୍ଜିପତିମାନଙ୍କ ହାତରେ। ଅନ୍ୟଦିଗରେ, ଶାସକ ବିଜେପି ର ଜନସ୍ୱାର୍ଥ ବିରୋଧି ନୀତିଗୁଡିକର ପରିଣାମରେ ଜନଜୀବନରେ ଦେଖା ଦେଇଛି ହାହାକାର। କ୍ରମାଗତ ନିସ୍ୱ ହୋଇଚାଲିଛନ୍ତି ସଂଖ୍ୟାଗରିଷ୍ଠ ମଣିଷ। ଦେଶର ଏକ ଶତାଂଶ ପୁଞ୍ଜିପତି ହାତରେ ଠୁଳ ହୋଇଛି ଦେଶର ସମସ୍ତ ସଂପତ୍ତିର ୪୦ ଶତାଂଶରୁ ଅଧିକ ସଂପତ୍ତି। ସମାଜର ସବା ତଳେଥିବା ୫୦ ଶତାଂଶ ମଣିଷ ନିକଟରେ ରହିଛି ମାତ୍ର ଏକ ଶତାଂଶ ସଂପତ୍ତି। ସେଥିପାଇଁ ପୁଞ୍ଜିପତିମାନେ ନିଜର ବିଶ୍ୱସ୍ତ ସେବକଙ୍କୁ ଅର୍ଥ ଦେଇ,ପ୍ରଚାର ଦେଇ କ୍ଷମତାରେ ରଖିବାକୁ ସମସ୍ତ ଚେଷ୍ଟା ନିଶ୍ଚୟ କରିବେ। ନିଜ ପସନ୍ଦର ରାଜନୈତିକ ଦଳକୁ ଅନୁଦାନ ଦେବା ସେମାନଙ୍କ ବ୍ୟବସାୟର ଏକ ଅଙ୍ଗ ।

### ଶାସକ ଶ୍ରେଣୀର ଅନ୍ୟାନ୍ୟ ଅନୁଗତ ଦଳମାନେ ମଧ୍ୟ ଭାଗ ପାଆନ୍ତି

କେବଳ ବିଜେପିକୁ ଟଙ୍କା ଦେଲେ ଚଳିବ ନାହିଁ। କାରଣ, ଆଗାମୀ ଦିନରେ ବିଜେପି ବିରୁଦ୍ଧରେ ଜନତା କ୍ଷୁବ୍ଧ ହେଲେ, ବାସ୍ତବରେ ଯେଉଁଭଳି ସରକାର ବିରୋଧୀ କ୍ଷୁବ୍ଧତା ବଢିଚାଲିଛି, ଅନ୍ୟ କୌଣସି ନିର୍ଭରଯୋଗ୍ୟ ଦଳକୁ ପ୍ରସ୍ତୁତ ରଖିବାକୁ ପଡିବ। ସେଥିପାଇଁ ସେମାନେ ବିଜେପି ପାଖାପାଖି ଅନ୍ୟ ଜାତୀୟଦଳ କଂଗ୍ରେସକୁ ମଧ୍ୟ ଚାନ୍ଦା ଦିଅନ୍ତି। ତାଛଡା ବିଭିନ୍ନ ରାଜ୍ୟରେ ସକ୍ରିୟ ଥିବା ଆଂଚଳିକ ଦଳମାନଙ୍କ ପାଖରୁ ବିଭିନ୍ନ ସୁବିଧା ସୁଯୋଗ ହାତେଇବା ପାଇଁ ସେମାନଙ୍କୁ ମଧ୍ୟ ଚାନ୍ଦା ଦିଅନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ କର୍ପୋରେଟ ଅନୁଦାନର ଦ୍ୱିତୀୟ ସ୍ଥାନରେ ଅଛି ତେଲେଙ୍ଗାନାର ଭାରତ ରାଷ୍ଟ୍ରୀୟ ସମିତି। ସେମାନେ ପାଇଛନ୍ତି ୫୮୦ କୋଟି ଟଙ୍କା। ତୃଣମୂଳ କଂଗ୍ରେସ ପାଇଛି ୧୭୦୮ କୋଟି। ଏ ରାଜ୍ୟର ବିଜେଡ଼ି ପାଇଛି ୧୦୧୬ କୋଟି ଟଙ୍କା। ତାମିଲନାଡୁର ଡ଼ିଏମକେ ପାଇଛି ୬୩୯ କୋଟି, ଆନ୍ଧ୍ରପ୍ରଦେଶର ୱାଇଏସଆର ପାଇଛି ୫୦୩ କୋଟି ଟଙ୍କା।

ଜାତୀୟ ତଥା ଜନଗଣଙ୍କ ସଂପତ୍ତି ଗ୍ରାସ କରିବାର ସୁଯୋଗ ପୁଞ୍ଜିପତିମାନଙ୍କୁ କରି ଦେଇଥିବା ଏ ସମସ୍ତ ଦଳମାନଙ୍କର ଏମପି, ଏମଏଲଏ , ମନ୍ତ୍ରୀ ମାନଙ୍କ ପଛରେ ଲୁଟର କିଛି ଅଂଶ ଖର୍ଚ୍ଚ କରି ସେମାନଙ୍କ ଅୟସ ଆରାମ ବିଳାସ-ବ୍ୟସନରେ ରହିବାର ବ୍ୟବସ୍ଥା କରିଦିଅନ୍ତି। ସେଥିପାଇଁ ଏହି ଦଳ ଗୁଡିକର ମନ୍ତ୍ରୀ, ସାଂସଦ, ବିଧାୟକ ମାନେ ଜନପ୍ରତିନିଧି ନାମରେ ସରକାରୀ ନୀତି ନିର୍ଦ୍ଧାରଣରେ ବାସ୍ତବରେ ପୁଞ୍ଜିପତି ମାନଙ୍କର ପ୍ରତିନିଧିତ୍ୱ କରନ୍ତି।

### ଦଳର ଶ୍ରେଣୀ ଚରିତ୍ର ଜନଗଣଙ୍କୁ ବୁଝେଇବାକୁ ହେବ

ଯେଉଁମାନେ ସାଧାରଣ ଭାବରେ ସମାଜରେ ଶ୍ରେଣୀ ଶାସନ ,ଶ୍ରେଣୀ ଦଳର ଅସ୍ତିତ୍ୱ ଧରିପାରନ୍ତି,ଏହି ସବୁ ଘଟଣା ସେମାନଙ୍କୁ ସୂଚାଇ ଦେଉଛି ଯେ, ଯେଉଁ ଦଳ ଶାସକ ପୁଞ୍ଜିପତି ଶ୍ରେଣୀ ସ୍ୱାର୍ଥରେ କାମ କରନ୍ତି, ତାର ନାଁ ଯାହା ହେଉନା କାହିଁକି, ତାର ପତାକାର ରଙ୍ଗ ଯାହା ହେଉନା କାହିଁକି, ତାହା ପ୍ରକୃତରେ ପୁଞ୍ଜିପତି ଶ୍ରେଣୀର ଦଳ। ଅନ୍ୟଦିଗରେ ଯେଉଁ ଦଳ ଶାସକ ଶ୍ରେଣୀର ସ୍ୱାର୍ଥର ବିପରୀତରେ ଶୋଷିତ ଜନଗଣଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ଲଢେଇ କରେ ସେ ଦଳ, ଶୋଷିତ ମଣିଷଙ୍କ ଦଳ। ସମାଜରେ ଶ୍ରେଣୀ ଯେମିତି ଦୁଇଟା- ଶୋଷକ ଏବଂ ଶୋଷିତ, ଶାସକ ଏବଂ ଶାସିତ, ସେମିତି ବାସ୍ତବରେ ଦଳମାନଙ୍କର ସଂଖ୍ୟା ଯେତେ ହେଉନା କାହିଁକି ତାହା ପ୍ରକୃତରେ ଦୁଇ ପ୍ରକାର, ପୁଞ୍ଜିପତି ଶ୍ରେଣୀର ସ୍ୱାର୍ଥ ରକ୍ଷାକାରୀ ଦଳ ଏବଂ ଶୋଷିତ ମଣିଷର ସ୍ୱାର୍ଥ ରକ୍ଷାକାରୀ ଦଳ। ଯେଉଁମାନେ ଆଜି ପୁଞ୍ଜିପତିମାନଙ୍କ ମଦତପୃଷ୍ଟ ଏକ ଦଳର କୁଶାସନ ରେ କ୍ଷୁବ୍ଧ ହୋଇ ପୁଞ୍ଜିପତିମାନଙ୍କର ଆଉ ଏକ ଦଳକୁ ସମର୍ଥନ କରୁଛନ୍ତି, ସେମାନେ ରାଜନୀତିର ଅନ୍ଧ ଗଳିରେ ବାଟବଣା ହେବାକୁ ବାଧ୍ୟ। ଏହି ସତ୍ୟ ଆଜି ସମସ୍ତଙ୍କୁ ବୁଝିବାକୁ ହେବ। ଶୋଷିତ ମଣିଷର ନିଜସ୍ୱ ଦଳ ବ୍ୟତୀତ ସେମାନଙ୍କ ସ୍ୱାର୍ଥ ରକ୍ଷା ଅସମ୍ଭବ। ଏସୟୁସିଆଇ(କମୁନିଷ୍ଟ) ଦଳ ସେହି ଦଳ। ଯିଏ ଜନଗଣଙ୍କ ସ୍ୱାର୍ଥ ରକ୍ଷାର ପ୍ରତିଟି ସଂଗ୍ରାମ ସଫଳ କରିବା ପାଇଁ ଜନଗଣଙ୍କ ନିକଟକୁ ଯାଏ, ଜନଗଣ ମଧ୍ୟ ତାଙ୍କର ସାଧ୍ୟ ହିସାବରେ ଏହି ଦଳକୁ ସାହାଯ୍ୟର ହାତ ବଢାଇ ଦିଅନ୍ତି। ପୁଞ୍ଜିପତିମାନଙ୍କ ଶୋଷଣ ବିରୁଦ୍ଧରେ, ଜନଗଣଙ୍କ ସଂପତ୍ତି ଲୁଟ ବିରୁଦ୍ଧରେ ଏହି ଦଳର ସଂଗ୍ରାମ ଜାରି ରହିଛି। ଏହି ସଂଗ୍ରାମ କୌଣସି ସମୟରେ ପୁଞ୍ଜିପତିମାନଙ୍କ ଟଙ୍କାରେ ହୋଇନାହିଁ। ଆଜି ଏହି ଦଳର ଦୃତ ଶକ୍ତି ବୃଦ୍ଧି ଉପରେ ନିର୍ଭର କରୁଛି ଜନଜୀବନର ମୌଳିକ ସମସ୍ୟାର ସମାଧାନ। ପୁଞ୍ଜିପତି ମାନେ ଯେମିତି ନିଜ ଦଳକୁ ଚିହ୍ନି ନିଅନ୍ତି, ସେମିତି ସାଧାରଣ ମଣିଷଙ୍କୁ ସେମାନଙ୍କର ନିଜର ଶ୍ରେଣୀ ଦଳକୁ ଚିହ୍ନି ନେବାକୁ ହେବ। ନହେଲେ ସାଧାରଣ ମଣିଷ ଆଉ କେତେ କାଳ ଏହି ବୁର୍ଜୁଆ ଦଳମାନଙ୍କ ପଛରେ ନିଜର ଶକ୍ତି କ୍ଷୟ କରିବେ?

★★★

## ଓଡିଶାରେ ପ୍ରବାସୀ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ହୋଇଛି ନିଶ୍ଚୟ । କିନ୍ତୁ କାହିଁକି ତାର ଏ ରୂପ ସଜ୍ଜା, କାହିଁକି ଏପରି ବିଶାଳ ବର୍ଣ୍ଣାଢ୍ୟ ଆୟୋଜନ? କାହିଁକି ଏ ରାଜକୀୟ ଆଡ଼ମ୍ବର? କାହିଁକି ଗରିବ ମଣିଷର ଟିକସରେ ଏତେ ବେହିସାବ ଖର୍ଚ୍ଚ? ଯେଉଁ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଟଙ୍କା ପାଣି ଭଳି ବୁହାଇ ଦିଆ ଯାଇଛି ସେହି ସହରର ସାଧାରଣ ମଣିଷ କ୍ଷୁଧାର୍ତ୍ତ ଶୁଦ୍ଧ ପିଇବା ପାଣି ପାଇଁ ତୃଷାର୍ତ୍ତ କି ନୁହେଁ; ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଯୋଗୁ ତାର ଜୀବନ ବିପର୍ଯ୍ୟସ୍ତ କି ନୁହେଁ, ସେକଥା କେହି ବୁଝିବାକୁ ଚାହିଁ ନାହାନ୍ତି। ସାମାନ୍ୟ ବର୍ଷାରେ ରାସ୍ତା ଘାଟ, ଗାଡି ମଟର ବୁଡି ଯାଉଛି କି ନାହିଁ, ଘରେ ପାଣି ପଶି ଯାଏ କି ନାହିଁ, ଏ ଖବର କୋଳାହଳ ଭିତରେ ଅଦୃଶ୍ୟ ହୋଇଯାଇଛି । ସହରତଳି ଜୀବନ ସେମିତି ଦୁର୍ବିସହ ହୋଇ ରହିଯାଇଛି। ଅସମ୍ଭାଳ ଶୀତରେ ଖୋଲା ଆକାଶ ତଳେ, ଫୁଟ୍ ପାଥ୍, ଷ୍ଟେସନ ବସ୍ ଷ୍ଟାଣ୍ଡରେ କେତେ ଅସହାୟ ମଣିଷ ଟିକିଏ ନିଦରେ ଆଖି ମୁଦିବାକୁ ଅସଫଳ ଚେଷ୍ଟା କରୁଛି; ତାର ଖୋଜ୍ ତ କେହି ନେଲେ ନାହିଁ। ସେସବୁକୁ ଲୁଚାଇ ଦିଆଗଲା ନମସ୍ତେ ଟ୍ରମ୍ପ ସମୟରେ ଯେମିତି କରାଯାଇ ଥିଲା। ଫୁଟପାଥ୍ ରାସ୍ତା କଡରେ ଯେଉଁ ଗରିବ ଲୋକ ଫଳ, ପନିପରିବା ବିକ୍ରି କରି ୩୦୦/୪୦୦ ଟଙ୍କା ଦିନକୁ ରୋଜଗାର କରି ପାରୁ ନ ଥିଲେ ଏମିତି ୫୫ ହଜାର ଲୋକଙ୍କୁ ହଟାଇ ଦିଆ ଯାଇଥିଲା। କାରଣ ସେମାନେ ନବବଧୁଟିର ସୌନ୍ଦର୍ଯ୍ୟରେ ହାନୀ ଘଟାଉ ଥିଲେ।

ଦିନେ ଇତିହାସ ତ ଜବାବ ମାଗିବ ତୁମେ ଯେଉଁ ରଙ୍ଗୀନ ଝଲମଲ ଆଲୋକ ମାଳାରେ ପ୍ରବାସୀ ମାନଙ୍କୁ ସମ୍ମୋହିତ କରି ଲୋକଙ୍କୁ ବିକଶିତ ଭାରତର ସ୍ୱପ୍ନ ଦେଖାଉଛ ସେହି ଭାରତରେ ସାଧାରଣ ମଣିଷର ଜୀବନର ମୂଲ୍ୟ କେତେ? କେତେ ତାର ରୋଜଗାର, କେତେ ତାର ସଂଚୟ? କେତେ ଖାଇ ବଂଚିଛି, ଅପପୁଷ୍ଟି ଯୋଗୁ ଶାରିରୀକ ଭାବରେ ଖର୍ବକାୟ ତାର ସନ୍ତାନ?

ବିଦେଶରେ ପ୍ରାୟ ୩ କୋଟି ଭାରତୀୟ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ୧.୬ କୋଟି ଭାରତୀୟ ନାଗରିକ ଯେଉଁମାନେ ସେଠାରେ ଚାକିରୀ କରୁଛନ୍ତି, ବ୍ୟବସାୟ କରୁଛନ୍ତି, ପାଠ ପଢୁଛନ୍ତି। ସେମାନଙ୍କୁ ଭାରତ ସରକାର ଓ ଓଡିଶା ସରକାର ସରକାରୀ ଖର୍ଚ୍ଚରେ ଡାକି ଆଣି ରାଜକୀୟ ଖାଇବା ପିଇବା ଦେବା ସହ ସେମାନଙ୍କୁ କହିବେ "ଦେଖ ଏଇ ତୁମର ଘର, ଏଇ ତୁମ ଦେଶର ପର୍ବତ ଝରଣା" । ଏହାର ଉଦ୍ଦେଶ୍ୟ କ'ଣ?

ଅତିଥି ମାନଙ୍କ ସହ ୧୭ଟି ଅଧିବେଶନରେ ମୁଖ୍ୟତଃ ବିକଶିତ ଭାରତ ୨୦୪୭ ଗଠନରେ ସେମାନଙ୍କର ଯୋଗଦାନ ବିଷୟରେ ସରକାର ଆଲୋଚନା କରିଛନ୍ତି। ଅର୍ଥାତ୍ ଦେଶରେ ପୁଞ୍ଜି ନିବେଶ କର, ଭାରତରେ ବ୍ୟାଙ୍କରେ ଜମା ରଖ। ଷ୍ଟାର୍ଟ ଅପ୍ ବ୍ୟବସାୟ ଖୋଲ। ସରକାର ଉଦାର ହାତରେ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବେ।

ଆମେ ଜାଣୁ ଯେ ମହାତ୍ମା ଗାନ୍ଧୀ ୧୮୯୩ରେ ଦକ୍ଷିଣ ଆଫ୍ରିକା ଯାଇଥିଲେ ସେଠାରେ ଜଣେ ଧନୀ ବ୍ୟବସାୟୀଙ୍କ ପାଇଁ ଓକିଲାତି କରିବାକୁ, ଦେଶ ସେବା ପାଇଁ ନୁହେଁ। କିନ୍ତୁ ସେଠାରେ ଦୀର୍ଘ ୨୧ ବର୍ଷ ରହିବା ଭିତରେ ଘଟଣା ଚକ୍ରରେ ବହୁ ବାର ବର୍ଣ୍ଣ ବୈଷମ୍ୟର ଶିକାର ହେବାରୁ ଲଜ୍ଜା ଅପମାନରେ ଜର୍ଜରିତ ହୋଇ ଶେଷରେ ନିଷ୍ପତ୍ତି ନେଲେ ଦେଶକୁ ଫେରି ଆସି ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବାକୁ। ଗାନ୍ଧୀଙ୍କର ଏହି ପ୍ରତ୍ୟାବର୍ତ୍ତନ ସହ ପ୍ରବାସୀ ଦିବସର କି ସାମଞ୍ଜସ୍ୟ ଅଛି ବୁଝା ପଡୁନାହିଁ। ଦେଶର ପରାଧୀନତାର ଜ୍ୱାଳା ଅନୁଭବ କରିଥିଲେ ଗାନ୍ଧିଜୀ। ତେବେ ତାଙ୍କର ପ୍ରତ୍ୟାବର୍ତ୍ତନ ସହ ପ୍ରବାସୀ ଦିବସକୁ ତୁଳନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ, ଇତିହାସକୁ ବିକୃତ କରିବା ସହ ସମାନ। ଗାନ୍ଧିଜୀଙ୍କ ନାମକୁ ବ୍ୟବହାର କରି ତାଙ୍କୁ ଅପମାନିତ କରିବା ବ୍ୟତୀତ ଏହାର ପ୍ରକୃତ ଉଦ୍ଦେଶ୍ୟ ଆଉ କ'ଣ ହୋଇପାରେ?

ଯେଉଁ ମାନଙ୍କୁ ପ୍ରବାସୀ ଭାରତୀୟ ଭାବରେ ଆମନ୍ତ୍ରଣ କରାଯାଇଛି ସେମାନେ ତ ପୃଥିବୀର ବିଭିନ୍ନ ଦେଶରେ ଖୁସିରେ ଅଛନ୍ତି, ମୋଟା ଦରମା ପାଉଛନ୍ତି, ଆଉଥରେ ଭାରତକୁ ଫେରିବା ପାଇଁ ଅଧିକାଂଶଙ୍କର ଯୋଜନା ନାହିଁ। ବରଂ ଭାରତରେ ଚାଲିଥିବା ଦୁର୍ନୀତି, ଭ୍ରଷ୍ଟାଚାର, ରାଜନୀତିର ଅପରାଧିକରଣ, ଖାଦ୍ୟ ଔଷଧରେ ଭେଜାଲ, ସର୍ବୋପରି ବେକାରୀ ସମସ୍ୟାରେ ଅତିଷ୍ଠ ହୋଇ ବହୁ ଉଚ୍ଚ ମଧ୍ୟବିତ୍ତ, ମଧ୍ୟବିତ୍ତ ଏପରିକି ଗରିବ ଲୋକ ମଧ୍ୟ ଦେଶ ଛାଡି ଚାଲି ଯାଇଛନ୍ତି। କେବଳ ସେତିକି ନୁହେଁ ବିଦେଶ ମନ୍ତ୍ରଣାଳୟ ସୂତ୍ରରୁ ଜଣାଯାଏ ଯେ କେବଳ ୨୦୨୨ ରେ ୨୨୫୬୨୦ ଜଣ ଭାରତର ନାଗରିକତ୍ୱ ତ୍ୟାଗ କରି ଅନ୍ୟ ଦେଶର ନାଗରିକତ୍ୱ ଗ୍ରହଣ କରିଛନ୍ତି। ଏହା ଗତ ୫ ବର୍ଷ ମଧ୍ୟରେ ଦ୍ରୁତ ବଢି ବଢି ଚାଲିଛି।

କିଛି ଧନୀ ଲୋକ ତ ବିଦେଶୀ ନାଗରିକତ୍ୱ ଗ୍ରହଣକରି ସେଠାରେ ପ୍ରତିଷ୍ଠିତ ହୋଇଛନ୍ତି। ଅନ୍ୟଦିଗରେ ଯେଉଁ ମାନେ ଯାଇ ପାରି ନାହାନ୍ତି ସେମାନେ ଯିବାକୁ ଛଟପଟ ହେଉଛନ୍ତି। ଏବେକାର ପିଲା ଭାରତର ଅବ୍ୟବସ୍ଥା ଭିତରୁ ଖସିଯିବାକୁ ଅନେଇ ବସିଛନ୍ତି। ସେମାନେ କାହିଁକି ଦେଶରେ ରହିବାକୁ ଚାହୁଁ ନାହାନ୍ତି, କାହିଁକି ଦେଶର ପ୍ରଗତିରେ ସେମାନେ ନିଜର ସେବା ଦେବାକୁ ଚାହୁଁନାହାନ୍ତି ସରକାର ସେ ଦିଗରେ କିଛି ଚିନ୍ତା କରିଛନ୍ତି କି? ଏ ବାବଦରେ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାର ବିବରଣୀ ଦେଇପାରିବେ କି? ପୁଣି ପେଟର ଜ୍ୱାଳାରେ ରକ୍ଷିଆ ସେନାବାହିନୀ ପାଇଁ ଲଢି ମୃତ୍ୟୁବରଣ କରୁଥିବା ଯୁଦ୍ଧ ଗ୍ରସ୍ତ ଇସ୍ରାଏଲରେ ଜୀବନକୁ ବିପନ୍ନ କରି କାମ କରୁଥିବା ପ୍ରବାସୀମାନଙ୍କ କ'ଣ ସରକାର ଏହି ମହୋତ୍ସବକୁ ଆମନ୍ତ୍ରଣ କରିଛନ୍ତି?

ଆମ ଦେଶର ସାଧାରଣ ଲୋକଙ୍କର ଦୁରାବସ୍ଥା ଓ ଦେଶର ବିଭିନ୍ନ ଅବ୍ୟବସ୍ଥା ଦୂର କରିବା କ୍ଷେତ୍ରରେ ଏହି ପ୍ରବାସୀ ମାନଙ୍କର କି ଅବଦାନ ରହିଛି? ତା ସତ୍ତ୍ୱେ ସେମାନଙ୍କୁ ଏତେ ଆଡମ୍ବର ପୂର୍ଣ୍ଣ ଅଭ୍ୟର୍ଥନା କାହିଁକି? ଏହା ଯେଭଳି ସେମାନଙ୍କ ଦୁଆରେ ଭିକ୍ଷାଥାଳ ଧରି ଠିଆ ହେବା। ତୁମେମାନେ ବିଦେଶରେ ରୋଜଗାର କରୁଛ ସଂଚୟ, ବିନିଯୋଗ ବିଦେଶରେ, ବିଦେଶୀ କମ୍ପାନୀରେ ନକରି ଦେଶରେ ଜମା କର, ପୁଞ୍ଜି ନିବେଶ କର ଦେଶର ପ୍ରଗତିରେ ଯୋଗଦାନ କର। ତାହାହିଁ ସଦ୍ୟ ସମାପିତ ପ୍ରବାସୀ ଭାରତୀୟ ଦିବସ ପ୍ରମାଣିତ କରୁଛି।

ଏଠାରେ ଆମେ ଉଲ୍ଲେଖ କରିବାକୁ ଚାହୁଁଯେ ଏହି ଧରଣର ସମାବେଶ ଆମ ରାଜ୍ୟରେ ବା ଦେଶର ବିଭିନ୍ନ ରାଜ୍ୟରେ ଅତୀତରେ ମଧ ବିଭିନ୍ନ ଦଳର ସରକାରମାନଙ୍କ ଦ୍ୱାରା କରାଯାଇଛି। ଭବିଷ୍ୟତରେ ମଧ ହେବ। ଅଳ୍ପ କେତେଦିନ ପରେ ଓଡିଶାର ଏହି ଧରଣର ଆଉଏକ ସମାବେଶ ହେବାକୁ ଯାଉଛି। ଏହାର ନାମ ମେକ୍ ଇନ୍ ଓଡିଶା। ଏସବୁ ହେଉଛି ଦେଶକୁ ବିଦେଶୀ ପୁଞ୍ଜି ଆକର୍ଷଣ କରିବାର ଘୋଷିତ ଲକ୍ଷ୍ୟରେ କରାଯାଉଥିବା ଶିଳ୍ପ ବା ପୁଞ୍ଜି ନିବେଶ କନ୍‌କ୍ଲେଭର ଅନ୍ୟ ଏକ ରୂପ। ଏଥିରେ ବ୍ୟବସାୟ ବିଦେଶୀ ପୁଞ୍ଜି ଆକର୍ଷଣ ଉପରେ ସଂସ୍କୃତିର ପ୍ରଲେପ ଦିଆଯାଇଛି ଏବଂ ଜାତୀୟତାବାଦ ଓ ଦେଶପ୍ରେମର ପୁଟ ମଧ ରହିଛି। ସେଥିପାଇଁ ଶୁଷ୍କ ବ୍ୟବସାୟିକ କନ୍‌କ୍ଲେଭ ପରିବର୍ତ୍ତେ ପ୍ରବାସୀ ଭାରତୀୟ ଦିବସର ପରିକଳ୍ପନା।

ତେବେ ସେ ଯେଉଁ ରୂପରେ ହେଉ ଏସବୁର ମୂଳ ଉଦ୍ଦେଶ୍ୟ ହେଉଛି ଦେଶକୁ ଓ ବିଶେଷ ବିଶେଷ ରାଜ୍ୟକୁ ବିଦେଶୀ ପୁଞ୍ଜି ଆକର୍ଷଣ କରିବା। ସରକାରଙ୍କର ଯୁକ୍ତି ହେଉଛି ବିଦେଶୀ ପୁଞ୍ଜି ଆସିଲେ ଦେଶ ତଥା ରାଜ୍ୟରେ କଳ କାରଖାନା ଗଢି ଉଠିବ। କଳ କାରଖାନାରେ ପ୍ରଚୁର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ବେକାର ଯୁବକ ଏସବୁ କଳ କାରଖାନାରେ ନିଯୁକ୍ତି ପାଇବେ। ବେକାରୀ ସମସ୍ୟା ଦୂର ହେବ। ଲୋକଙ୍କ ହାତକୁ ଟଙ୍କା ଆସିବ। ଲୋକ ବଜାରରୁ ଅଧିକରୁ ଅଧିକ ଭୋଗ୍ୟ ପଣ୍ୟ ଖରିଦ୍ କରିବେ। ଫଳରେ ବଜାରରେ ଚାହିଦା ସୃଷ୍ଟି ହେବ। ଏହି ବର୍ଦ୍ଧିତ ଚାହିଦା ମେଣ୍ଟାଇବା ପାଇଁ କଳ କାରଖାନା ପୁରା କ୍ଷମତାରେ ଉତ୍ପାଦନ କରିବେ। ଏହାଫଳରେ ଶ୍ରମିକ ଛଟେଇ, ଲେ ଅଫ୍ କାରଖାନାରେ ତାଲାବନ୍ଦ ହେବ ନାହିଁ। ରାଜ୍ୟ ତଥା ଦେଶର ଅର୍ଥନୀତି ଚାଙ୍ଗା ହେବ। ଏହି ଯୁକ୍ତିରେ ୨୦୦୦ ମସିହାରୁ ପ୍ରଥମ ୯ବର୍ଷ ରାଜ୍ୟ ବିଜେଡି-ବିଜେପି ମେଣ୍ଟ ସରକାର ଓ ତା'ପରେ ଏକକ ଭାବରେ ବିଜେଡି ସରକାର ରାଜ୍ୟରେ ପୁଞ୍ଜି ବିନିଯୋଗ ଆଳରେ ରାଜ୍ୟର ଖଣି, ପାଣି, ଜଙ୍ଗଲ, ଜଳ, ଜମି ସବୁକିଛିକୁ ଏକଚାଟିଆ ପୁଞ୍ଜିପତି ମାନଙ୍କ ହାତକୁ ଶାଗ ମାଛ ମୂଲରେ ଟେକି ଦେଉଥିଲା। ଏହାର ବିରୋଧୀ ମାନଙ୍କୁ ଦେଶଦ୍ରୋହୀ, ବିକାଶ ବିରୋଧୀ, ଅର୍ବାଚିନ ନକ୍ସାଲ ପ୍ରଭୃତି କୁହାଯାଉଥିଲା। ମାତ୍ର ଏହାର ପରିଣାମ କ'ଣ ହୋଇଛି?

ଚାକିରି ସୃଷ୍ଟି ହୋଇନାହିଁ କିମ୍ବା ସରକାର ଲୋକଙ୍କୁ ବିଭ୍ରାନ୍ତ କରିବାପାଇଁ ଦେଖାଇଥିବା "ମୁଙ୍ଗେରି ଲାଲଙ୍କ ସୁନ୍ଦର ସ୍ୱପ୍ନ" ସାକାର ହୋଇନାହିଁ। ସ୍ୱପ୍ନ ସାକାର ହୋଇନାହିଁ କାରଣ ଐତିହାସିକ ଭାବରେ ଏହା ସାକାର ହେବା ସମ୍ଭବ ନୁହେଁ। ଦେଶରେ ପ୍ରତିଷ୍ଠିତ ପୁଞ୍ଜିବାଦୀ ବ୍ୟବସ୍ଥାର ମରଣମୁଖୀ ଯୁଗରେ ଶିଳ୍ପ ବିକାଶ ଏବଂ ନିଯୁକ୍ତି ସମ୍ଭାବନା ସୃଷ୍ଟି ଏବଂ ବଜାରରେ ଚାହିଦା ସୃଷ୍ଟି କେବଳ ଏକ ମରିଚିକା ମାତ୍ର। ଏହି ସଂକଟ ଆଜି ପୁଞ୍ଜିବାଦୀ ବ୍ୟବସ୍ଥାକୁ ହିଁ ଗ୍ରାସ କରିବାକୁ ବସିଛି। ଏହି ସଂକଟ ଅର୍ଥାତ୍ ବଜାର ସଂକଟରୁ ଉଦ୍ଧାର ପାଇବା ଆଜିର ମରଣମୁଖୀ ଚୂଡାନ୍ତ ଭାବରେ ପ୍ରତିକ୍ରିୟାଶୀଳ ପୁଞ୍ଜିବାଦୀ ବ୍ୟବସ୍ଥା ପକ୍ଷରେ ସମ୍ଭବ ନୁହେଁ। ମାତ୍ର ଏହି ସଂକଟକୁ ଲୋକଲୋଚନରୁ ଦୂରେ ରଖିବାପାଇଁ ଶାସକ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସେବାଦାସ ସରକାରମାନେ ନାନା ଧରଣ ଭୋଜବାଜୀ ପ୍ରଦର୍ଶନ କରୁଛନ୍ତି। ପ୍ରବାସୀ ଭାରତୀୟ ଉତ୍ସବ ଏହାର ଅଂଶ ବିଶେଷ। ଏଥିରେ ବିଭ୍ରାନ୍ତ ନହେବାପାଇଁ ରାଜ୍ୟବାସୀଙ୍କୁ ଆମର ଅନୁରୋଧ।

★ ★ ★

# ଚାକଚକ୍ୟର ଛଦ୍ମବେଶ ତଳେ ସରକାରୀ ଶିକ୍ଷାର ଆର୍ତ୍ତ ଚିତ୍କାର

ପ୍ରତିବର୍ଷ ଭଳି ଏବର୍ଷର ୟୁଡିଆଇଏସ୍‌ଇ(UDISE) ୨୦୨୩-୨୪ ରିପୋର୍ଟ କେନ୍ଦ୍ର ଶିକ୍ଷାମନ୍ତ୍ରାଳୟ ପକ୍ଷରୁ ଇତିମଧ୍ୟରେ ପ୍ରକାଶିତ ହୋଇଛି।

ମାତ୍ର ରିପୋର୍ଟ ପ୍ରକାଶିତ ହେବାମାତ୍ରେ ସାରା ଦେଶରେ ଚହଳ ପଡିଛି। ପୂର୍ବବର୍ଷ ତୁଳନାରେ ୨୦୨୩-୨୪ ଶିକ୍ଷା ବର୍ଷରେ ସ୍କୁଲରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଏକ କୋଟିରୁ ଅଧିକ ହ୍ରାସ ପାଇଛି। ୨୦୧୮-୧୯ରେ ଉପସ୍ଥାନ ୨୬.୦୨କୋଟି ଥିବାବେଳେ ୨୦୨୩- ୨୪ରେ ତାହା ଦ୍ରୁତ ହ୍ରାସ ପାଇ ୨୪.୮କୋଟିରେ ପହଂଚିଛି। ଅର୍ଥାତ ସ୍କୁଲ ଶିକ୍ଷାରେ ଡ୍ରପ ଆଉଟ ହାର ୬ ପ୍ରତିଶତରୁ ଉର୍ଦ୍ଧ୍ୱ। ବିହାରରେ ୩୫.୬୫ଲକ୍ଷ, ମହାରାଷ୍ଟ୍ରରେ ୧୮.୫୫ଲକ୍ଷ, ଉତ୍ତର ପ୍ରଦେଶରେ ୨୮.୨୬ଲକ୍ଷ, ଓଡିଶାରେ ୫.୦୧ଲକ୍ଷ କମ୍ ସଂଖ୍ୟକ ପିଲା ସ୍କୁଲରେ ନାମ ଲେଖାଇଛନ୍ତି। ଏପରିକି ରିପୋର୍ଟ ଅନୁଯାୟୀ ଦେଶରେ କେବଳ ଜଣେ ଶିକ୍ଷକ ଥିବା ସ୍କୁଲ ସଂଖ୍ୟା ୧.୧ଲକ୍ଷ, ଯେଉଁଥିରେ ୪୦ଲକ୍ଷରୁ ଉର୍ଦ୍ଧ୍ୱ ପିଲା ପଢୁଛନ୍ତି। ସେହି ସ୍କୁଲରେ ପିଲା କ'ଣ ପଢୁଥିବେ ଏଥିରୁ ବୁଝା ପଡୁଛି। ବିଶେଷକରି ଡବଲ ଇଞ୍ଜିନ ସରକାର ଥିବା ରାଜ୍ୟ ଉତ୍ତର ପ୍ରଦେଶ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ବିହାର, ରାଜସ୍ଥାନରେ ଶିକ୍ଷାର ସ୍ଥିତି ଅତ୍ୟନ୍ତ ଦୟନୀୟ। ସ୍କୁଲରେ ନାମ ଲେଖାଉଥିବା ମୋଟ ପିଲାଙ୍କ ସଂଖ୍ୟା ବା Gross Enrolment Ratio(GER)କୁ ବିଚାର କଲେ ଦେଶରେ ପ୍ରାଥମିକ ସ୍ତରରେ ଜି.ଇ.ଆର ୯୧.୮ପ୍ରତିଶତ ଥିବାବେଳେ ଉଚ୍ଚ ପ୍ରାଥମିକରେ ୮୯.୭ ଏବଂ ଏହା ଦ୍ରୁତ ହ୍ରାସ ପାଇ ମାଧ୍ୟମିକ ହାଇସ୍କୁଲରେ ୭୭.୪, ଉଚ୍ଚ ମାଧ୍ୟମିକରେ ୫୬.୨ପ୍ରତିଶତରେ ଆସି ପହଂଚିଛି। ଓଡିଶାରେ ଉଚ୍ଚ ମାଧ୍ୟମିକରେ ଜି.ଇ.ଆର ୫୮.୬ପ୍ରତିଶତ ଅର୍ଥାତ ରାଜ୍ୟରେ ପ୍ରାଥମିକ ସ୍ତରରେ ଯେତେ ପିଲା ନାମ ଲେଖାଉଛନ୍ତି ସେମାନଙ୍କ ମଧ୍ୟରୁ ମାତ୍ର ଅଧା ପିଲା ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ଆସି ପହଂଚି ପାରୁଛନ୍ତି। ବ୍ୟାପକ ସଂଖ୍ୟାରେ ଛାତ୍ରଛାତ୍ରୀ ବିଦ୍ୟାଳୟ ଶିକ୍ଷା ପ୍ରାପ୍ତିରୁ ବଂଚିତ ହେଉଛନ୍ତି।

ଏ ପରିସ୍ଥିତି କାହିଁକି? ସରକାର ତ ଯୋଜନା ପରେ ଯୋଜନା କରି ଚାଲିଛନ୍ତି। ବିଦ୍ୟାଳୟ ମାନଙ୍କରେ ତ ରଙ୍ଗ ବୋଳା ଚାଲିଛି, ସ୍ମାର୍ଟ ଶ୍ରେଣୀଗୃହ ହେଉଛି, ଖେଳ ପଡିଆ, ଜିମ୍ନାସିୟମ୍ ସହିତ ପ୍ରତିଦିନ ଖବର କାଗଜରେ ଫାଳ ଫାଳ ଉତ୍କର୍ଷତାର ରଙ୍ଗିନ୍ ଚିତ୍ର ସବୁ ନେତା ମନ୍ତ୍ରୀଙ୍କ ମୁହଁସହ ବିଜ୍ଞାପନ ଛପା ଚାଲିଛି। ଏତଦ୍ ସତ୍ତ୍ୱେ ଗାଡି ଆଗକୁ ଗଡୁନି ବରଂ ଆହୁରି ପଛକୁ ପଛକୁ ଚାଲିଛି। ସମସ୍ତଙ୍କ ମନ ଖୋଲାରଖି ସରକାରଙ୍କ ଯୋଜନା, ଶିକ୍ଷାନୀତି ଭିତରକୁ ଯାଇ ବିଚାର କରିବାକୁ ପଡିବ। ନହେଲେ ଆପଣା ହସ୍ତେ ଜିହ୍ୱା ଛେଦ କରିବା ସାର ହେବ।

ସ୍ୱାଧୀନତାର ୧୦ବର୍ଷ ମଧ୍ୟରେ ୬ରୁ ୧୪ବର୍ଷର ସମସ୍ତ ପିଲାଙ୍କୁ ମୌଳିକ ଶିକ୍ଷା ପ୍ରଦାନ କରିବା ପାଇଁ ସଂବିଧାନର ଧାରା ୪୫ରେ ଘୋଷଣା କରାଯାଇଥିଲା। ଦଶବର୍ଷ ତ ଛାଡ଼ ୧୯୯୦ ମସିହା ପର୍ଯ୍ୟନ୍ତ ମଧ୍ୟ କିଛି ହେଲା ନାହିଁ। ୧୯୯୦ ମସିହାରେ ସମାଜତାନ୍ତ୍ରିକ ସୋଭିଏତ୍ ରୁଷର ବିପର୍ଯ୍ୟୟ ପରେ ଆମେରିକା ନେତୃତ୍ୱରେ ସାମ୍ରାଜ୍ୟବାଦୀ ଶକ୍ତି ବିଶ୍ୱବ୍ୟାଙ୍କ ପୃଷ୍ଠପୋଷକତାରେ ଏହାକୁ ଆନ୍ତର୍ଜାତୀୟ ସମସ୍ୟାଭାବେ ଉପସ୍ଥାପନ କରି ଥାଇଲ୍ୟାଣ୍ଡର ଜୋମତିଆନ ସହରରେ ୨୦୦୦ମସିହା ସୁଦ୍ଧା ସମସ୍ତଙ୍କ ପାଇଁ ଶିକ୍ଷା (Education for All)ର ସ୍ଲୋଗାନ ଦେଇ ଡି.ପି.ଇ.ପି ଆରମ୍ଭ କରାଗଲା। ଭାରତ ସରକାର ୧୯୯୪ ମସିହାରେ ଦେଶରେ ଲାଗୁ କଲେ ଡି.ପି.ଇ.ପି (District Primary Education Programme)। ଦେଶସାରା ଡି.ପି.ଇ.ପି ରଥ ବୁଲିଲା, ପେନ୍‌ସିଲ ଉପରେ ପିଲା ଉଡିବାର ଛବି ଚାରିଆଡେ ଅଙ୍କା ଗଲା। ସତେ ଯେମିତି ପିଲା ଏହାଦ୍ୱାରା ଉଡି ଉଡି ସ୍କୁଲ ଭିତରେ ପଶି ଯିବେ! ମୋଟା ମୋଟା ଛବି ଥିବା ବହି ବଣ୍ଟା ହେଲା ଯାହାକୁ ଯେତେ। ଖେଳି ଖେଳିକି ଶିକ୍ଷା, ବସ୍ତାନି ବିହୀନ ପାଠପଢା, ଗୃହକାର୍ଯ୍ୟ ବିନା ପାଠପଢା, ଖାତା ବିନା କେବଳ ବହି ଦ୍ୱାରା ପାଠପଢା, ଦଣ୍ଡମୁକ୍ତ ଅଂଚଳ ଏହିଭଳି କେତେ ଯେ ଭେଳିକି ଚାଲିଲା

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

# ଏଆଇଡିଏସ୍‌ଓ ପକ୍ଷରୁ ନବଜାଗରଣର ଅନ୍ୟତମ ପୁରୋଧା
# ଫକୀରମୋହନ ସେନାପତିଙ୍କ ୧୮୩ତମ ଜୟନ୍ତୀ ପାଳିତ

ନବଜାଗରଣର ଅନ୍ୟତମ ପୁରୋଧା କଥା ସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୮୩ତମ ଜୟନ୍ତୀ ଏଆଇଡିଏସ୍‌ଓ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବାଲେଶ୍ୱରଠାରେ ୧୩ ଜାନୁୟାରୀରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପୁର୍ବରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଉକ୍ତ ସଭାରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସଭାରେ ମୁଖ୍ୟଅତିଥି ଭାବେ ଅଲ ଇଣ୍ଡିଆ ଶିକ୍ଷା ବଂଚାଅ କିମିଟି ବାଲେଶ୍ୱର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବିଜୟ କୁମାର ପାତ୍ର, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନିତ୍ୟାନନ୍ଦ ପାତ୍ର ଓ ମୁଖ୍ୟବକ୍ତା ଭାବେ ଏଆଇଡିଏସଓ ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରା ଯୋଗ ଦେଇଥିଲେ। ଏସୟୁସିଆଇ(ସି) ଜିଲ୍ଲା କମିଟି ସଦସ୍ୟ କମ୍ରେଡ ଉମାକାନ୍ତ ଦାସ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲା ବେଳେ ଏଆଇଡିଏସଓ ବାଲେଶ୍ୱର ଜିଲ୍ଲା ସଂପାଦକ କମ୍ରେଡ ପ୍ରଶାନ୍ତ ଦାସ ଅଧ୍ୟକ୍ଷତା କରିଥିଲେ।













ଏଆଇଡିଏସଓ ଖୋର୍ଦ୍ଧା ଆଂଚଳିକ କମିଟି ପକ୍ଷରୁ ଆୟୋଜିତ ଜୟନ୍ତୀ ସଭାରେ ରାଜ୍ୟ କମିଟି ସଦସ୍ୟ କମ୍ରେଡ ଶ୍ରୀକାନ୍ତ ନାୟକ ସଭାପତିତ୍ୱ କରିଥିଲା ବେଳେ ରାଜ୍ୟ କମିଟି ସଦସ୍ୟ କମ୍ରେଡ କିଷାନ ସାହୁ ମୁଖ୍ୟବକ୍ତା ଓ କମ୍ରେଡ ଅବିନାଶ ପ୍ରଧାନ ଅନ୍ୟତମ ବକ୍ତା ଭାବେ ନିଜର ବକ୍ତବ୍ୟ ରଖିଥିଲେ। ସଭା ସ୍ଥଳରେ ଛାତ୍ରଛାତ୍ରୀମାନେ 'ରେବତୀ' ନାଟକ ପରିବେଷଣ କରିଥିଲେ।

ଏଆଇଡିଏସଓ ଅନୁଗୁଳ ଜିଲ୍ଲା ସଭାପତି କମ୍ରେଡ ପରମାନନ୍ଦ ସାହୁଙ୍କ ସଭାପତିତ୍ୱରେ ୧୪ ଜାନୁୟାରୀ ଦିନ ଅନୁଗୁଳ ଜିଲ୍ଲାସ୍ତରୀୟ ଫକୀରମୋହନ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ମାଝୀ, ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀ ପ୍ରହଲ୍ଲାଦ ବେହେରା, ଅଧ୍ୟାପକ ଡ. ଧନେଶ୍ୱର ସାହୁ, ଅଧ୍ୟାପକ ଶ୍ରୀ ପ୍ରଦୀପ କୁମାର ମାଝୀ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ଏଆଇଡିଏସ୍‌ଓ ରାଜ୍ୟ ସଂପାଦକ କମ୍ରେଡ ସିଦ୍ଧାର୍ଥ ରଥ ଏବଂ ଅନ୍ୟତମ ବକ୍ତାଭାବେ ବଲାଙ୍ଗୀର ଜିଲ୍ଲା ସଭାପତି କମ୍ରେଡ ମଧୁସୂଦନ ବାଗ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏଆଇଡିଏସ୍‌ଓ ଜିଲ୍ଲା ସଂପାଦକ କମ୍ରେଡ ନାରାୟଣ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ରାଜ୍ୟ କମିଟି ସଦସ୍ୟା କମ୍ରେଡ ସରୋଜିନୀ ବେହେରା, କମ୍ରେଡ ନିରୂପମା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ସଭା ପ୍ରାରମ୍ଭରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ସଭା ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା ।

ବାଲେଶ୍ୱର ଜିଲ୍ଲାର ଚନ୍ଦନେଶ୍ୱରର ଥାନା ଛକ ଠାରେ ଫକୀରମୋହନ ଜୟନ୍ତୀ ଉପଲକ୍ଷେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଆଇଡ଼ିଏସଓ ଜିଲ୍ଲା ସଭାପତି କମ୍ରେଡ ହରେକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅଲଇଣ୍ଡିଆ ଶିକ୍ଷା ବଂଚାଅ କମିଟିର ବ୍ଲକ ସଭାପତି ଶ୍ରୀଯୁକ୍ତ ଶ୍ରୀପତି ସାଁ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଶ୍ରୀ ବିମଳ କୁମାର ମହାନ୍ତି, ଶ୍ରୀଯୁକ୍ତ ସୁଦର୍ଶନ ଜେନା, ମୁଖ୍ୟବକ୍ତା ଭାବେ ଏସୟୁସିଆଇ(ସି)ଜିଲ୍ଲା ସାଙ୍ଗଠନିକ କମିଟି ସଂପାଦକ କମ୍ରେଡ ନିରାକାର ପାଣ୍ଡବ, ଅନ୍ୟତମ ବକ୍ତା ଭାବେ ଏଆଇଡ଼ିଏସଓ ରାଜ୍ୟ ସଭାପତି କମ୍ରେଡ ସୋମନାଥ ବେହେରା ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏଆଇଡିଏସଓ ଜିଲ୍ଲା ସଂପାଦକ ପ୍ରଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ ମାନେ ଫକୀରମୋହନ ସେନାପତିଙ୍କ କ୍ଷୁଦ୍ର ଗଳ୍ପ ଡାକମୁନିସ, ପେଟେଣ୍ଟ ମେଡିସିନ, ରାଣ୍ଡିପୁଅ ଅନନ୍ତା ଆଧାରରେ ଲିଖିତ ନୃତ୍ୟ ନାଟିକା ପରିବେଷଣ କରିଥିଲେ। ସଭା ସ୍ଥଳରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ ରାଜ୍ୟର ବିଭିନ୍ନ ସ୍ଥାନରେ ଫକୀରମୋହନ ଜୟନ୍ତୀ ପାଳିତ ହୋଇଯାଇଛି। ★★★

# ହତାଶାଗ୍ରସ୍ତ ଆତ୍ମହତ୍ୟା ମୁହାଁ ଚାଷୀ ଓ ଚୂଡାନ୍ତ ଭାବରେ ଉଦାସୀନ ରାଜ୍ୟ ତଥା କେନ୍ଦ୍ର ସରକାର

ଡିସେମ୍ବର ୨୦ରୁ ୨୮ ତାରିଖ ମଧ୍ୟରେ ଦୁଇଟି ଦଫାରେ ଲଘୁଚାପ ଜନିତ ଅଦିନିଆ ବର୍ଷାରେ ପାଚିଲା ଧାନ ଫସଲ ସହିତ ମୁଗ, ବିରି, କପା, ପନିପରିବା ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେବା ଫଳରେ ରାଜ୍ୟର ପ୍ରାୟ ୨୧ରୁ ଅଧିକ ଜିଲ୍ଲାର ଚାଷୀ ହାହାକାର କରୁଛନ୍ତି।

ସରକାରୀ ହିସାବ ଅନୁଯାୟୀ ରାଜ୍ୟର ୬ଲକ୍ଷ ୬୬ ହଜାର ୭୯୧ ଜଣ ଚାଷୀଙ୍କ ଫସଲ ଶତକଡା ୩୩ ଭାଗରୁ ଅଧିକ ନଷ୍ଟ ହୋଇଛି। ସୂଚନାଯୋଗ୍ୟ ଶତକଡା ୩୩ଭାଗ କିମ୍ୱା ଏହାଠାରୁ ଅଧିକ ଫସଲ ନଷ୍ଟ ହେଲେହିଁ ଚାଷୀ କ୍ଷତିପୂରଣ ପାଇବାପାଇଁ ହକଦାର ହେବ। ଶତକଡା ୩୩ ଭାଗରୁ କମ୍ ଫସଲ ନଷ୍ଟ ହେଲେ ଚାଷୀ କୌଣସି କ୍ଷତିପୂରଣ ପାଇବ ନାହିଁ। ସରକାରୀ ସୂତ୍ରରୁ ଆହୁରି ପ୍ରକାଶ ପାଇଛି ଯେ ରାଜ୍ୟର ୨ଲକ୍ଷ ୨୬ହଜାର ୭୯୧ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଛି। ଅଦିନିଆ ବର୍ଷାରେ ଗଞ୍ଜାମ ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଥିଲାବେଳେ ଏହାପରେ ରହିଛି ପୁରୀ ଜିଲ୍ଲା। ଗଞ୍ଜାମ ଓ ପୁରୀ ବ୍ୟତୀତ, ଅନୁଗୁଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, କଟକ, ଢେଙ୍କାନାଳ, ଦେବଗଡ, ଗଜପତି, ଜଗତସିଂହପୁର, ଯାଜପୁର, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ ଓ ରାୟଗଡା ଜିଲ୍ଲାରେ ବ୍ୟାପକ ଫସଲହାନୀ ଘଟିଛି ବୋଲି ସରକାରୀ ସୂତ୍ରରୁ ପ୍ରକାଶ।

ଏହି ଅଦିନିଆ ବର୍ଷା ଓ ଫସଲ ହାନୀ ଘଟିବା ପରେ ପରେ ହିଁ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ନାନା ଧରଣର ସହାୟତା ଘୋଷଣା କରିବା ଆରମ୍ଭ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ମନ୍ତ୍ରୀମାନେ ବିଭିନ୍ନ ଜିଲ୍ଲା ଗସ୍ତ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଲମ୍ୱା ଚଉଡା ପ୍ରତିଶୃତି ଦେଇଥିଲେ। ଅଦିନିଆ ବର୍ଷା ଜନିତ ଫସଲହାନୀ ସମୟରେ ନିଜକୁ ଚାଷୀମାନଙ୍କର ହିତୈଶୀ ବୋଲି ପ୍ରମାଣ କରିବାପାଇଁ ଗତ ୨୪ବର୍ଷ ଧରି ଲଗାତର ମୁଖ୍ୟମନ୍ତ୍ରୀ ଭାବରେ କ୍ଷମତାରେ ରହିଥିଲେ ମଧ୍ୟ ଚାଷୀମାନଙ୍କର କୌଣସି ଗୋଟିଏ ମୌଳିକ ସମସ୍ୟାର ସମାଧାନ କରିନଥିବା ନବୀନ ପଟ୍ଟନାୟକ ମଧ୍ୟ ଜିଲ୍ଲା ଗସ୍ତକରି ଚାଷୀମାନଙ୍କ ପ୍ରତି ସମବେଦନା ଜ୍ଞାପନ କରି ରାଜ୍ୟବାସୀଙ୍କୁ ବିଭ୍ରାନ୍ତ କରିବାର ସୁଯୋଗ ହାତଛଡା କରିନଥିଲେ।

ସରକାରଙ୍କର ମୁଖ୍ୟ ଘୋଷଣା ଥିଲା କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଜାନୁଆରୀ ୭ତାରିଖ ମଧ୍ୟରେ କ୍ଷତିପୂରଣ ଦିଆଯିବ, ଜଳସେଚିତ ଜମି ହେକ୍ଟର ପିଛା ୧୫,୦୦୦ ଓ ଅଣ ଜଣସେଚିତ ଜମି ହେକ୍ଟର ପିଛା ୭,୫୦୦ ଲେଖାଏଁ ଟଙ୍କା କ୍ଷତିପୂରଣ ଦିଆଯିବ, ବୀମାଭୁକ୍ତ ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ରାଶି ପଇଠ କରିବାପାଇଁ ବୀମା କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଆଯିବ ଏବଂ ରିଲିଫ କୋର୍ଡରେ ସଂଶୋଧନକରି ଅଦିନିଆ ବର୍ଷା ଜନିତ କ୍ଷୟକ୍ଷତିକୁ ପ୍ରାକୃତିକ ବିପର୍ଯ୍ୟୟ ଭାବରେ ପରିଗଣିତ କରାଯିବ। ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଚାଷୀଠାରୁ ସବୁ ଧାନ ସରକାର ମଣ୍ଡି ଜରିଆରେ କ୍ରୟ କରିବେ। ମାତ୍ର କେବଳ ଏଫ୍‌ଏକ୍ୟୁ ମାନର ଧାନ ସରକାର ଖରିଦ କରିବେ ବୋଲି ରାଜ୍ୟ ଖାଦ୍ୟ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଘୋଷଣା କରିଥିଲେ।

ଇତି ମଧ୍ୟରେ ଅଦିନିଆ ବର୍ଷାକୁ ଏକ ମାସ ପୁରିବାକୁ ଯାଉଛି। ମାତ୍ର ଗୋଟିଏ ପରେ ଗୋଟିଏ ଚାଷୀ ଆତ୍ମହତ୍ୟା ଖବର ସମ୍ବାଦ ପତ୍ରରେ ପ୍ରକାଶିତ ହେଉଛି। ଇତିମଧ୍ୟରେ ରାଜ୍ୟର ବିଭିନ୍ନ ଅଂଚଳରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଚାଷୀଙ୍କର ଆତ୍ମହତ୍ୟା ବା ଅସ୍ୱାଭାବିକ ମୃତ୍ୟୁ ଘଟଣା ସଂବାଦପତ୍ର ମାନଙ୍କରେ ପ୍ରକାଶିତ ହୋଇଛି। ଆତ୍ମହତ୍ୟା କରିଥିବା କିମ୍ୱା ଅସ୍ୱାଭାବିକ ମୃତ୍ୟୁର ଶୀକାର ହୋଇଥିବା ସମସ୍ତ ଚାଷୀ ହେଉଛନ୍ତି ଋଣ ଯନ୍ତାରେ ପଡିଥିବା ଭାଗଚାଷୀ ବୋଲି ଖବର କାଗଜରେ ପ୍ରକାଶିତ ରିପୋର୍ଟରୁ ସ୍ପଷ୍ଟ ହେଉଛି। ସୂଚନାଯୋଗ୍ୟ ୨୦୧୪ ମସିହାରୁ କେନ୍ଦ୍ରରେ ଶାସନ କରୁଥିବା ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ ବିଜେପି ସରକାର ଚାଷୀ ମାନଙ୍କ ଆୟ ଦୁଇଗୁଣ କରିବା, ତଥା ଚାଷୀମାନଙ୍କର ସର୍ବାଙ୍ଗୀନ ଉନ୍ନତି କରିବା କଥା ଘୋଷଣା କରିଚାଲିଛି। ପ୍ରଶ୍ନ ଉଠୁଛି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମସ୍ତ ପ୍ରତିଶୃତି, ଖବର କାଗଜ ଓ ଟିଭିରେ ଏ ସଂକ୍ରାନ୍ତୀୟ ଲମ୍ୱା ଚଉଡା ବିଜ୍ଞାପନ ସତ୍ତ୍ୱେ ଚାଷୀର ଏଭଳି ଦୁର୍ଦ୍ଦଶା ଲାଗି ରହିଛି କାହିଁକି ? ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି କାହିଁକି ?

ଏହି ନିବନ୍ଧରେ ଏ ସଂପର୍କିତ କେତେକ ବିଷୟ ସଂକ୍ଷେପରେ ଆଲୋଚନା କରାଯାଉଛି। ପ୍ରଥମେ ଆସନ୍ତୁ ଅଦିନିଆ ବର୍ଷାରେ ଫସଲ ନଷ୍ଟ ପାଇଁ ସରକାର ଘୋଷଣା କରିଥିବା ସହାୟତା ଉପରେ ଦୃଷ୍ଟିପାତ କରିବା। ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ସରକାର କ୍ଷତିପୂରଣ ବାବଦ ହେକ୍ଟର ପିଛା ଜଳସେଚିତ ଜମିପାଇଁ ୧୫୦୦୦ ଓ ଅଣଜଳସେଚିତ ଜମିପାଇଁ ୭,୫୦୦ ଟଙ୍କା କ୍ଷତିପୂରଣ ଦେବାପାଇଁ ଘୋଷଣା କରିଛନ୍ତି। ଏହିଭଳି ଭାବରେ ସରକାର ମୋଟ କ୍ଷତିପୂରଣ ବାବଦରେ ୨୯୧.୫୯ କୋଟି ଟଙ୍କା କ୍ଷତିପୂରଣ ଆକାରରେ ଦେବେ ବୋଲି ଘୋଷଣା କରିଛନ୍ତି। ସୁତରାଂ ସରକାରୀ ହିସାବ ଅନୁଯାୟୀ ହେକ୍ଟର ପିଛା ସରକାର ହାରାହାରି କ୍ଷତିପୂରଣ ଦେବେ ୧୨,୮୫୭ ଟଙ୍କା। ଏହା ସହିତ ଶତକଡା ୩୩ଭାଗରୁ ଅଧିକ ଫସଲ ନଷ୍ଟ ହେଲେ ହିଁ କ୍ଷତିପୂରଣ ମିଳିବ। ପୁଣି କ୍ଷତିର ପରିମାଣ ସରକାରୀ ଅଧିକାରୀ ଓ ବୀମା କମ୍ପାନୀମାନେ ହିଁ ସ୍ଥିର କରିବେ। ଏଥିରେ ବିଚରା ଚାଷୀର କୌଣସି ଭୂମିକା ନାହିଁ। ବର୍ତ୍ତମାନ ଦେଖାଯାଉ ହେକ୍ଟର ପିଛା ଧାନ ଚାଷ କରିବାପାଇଁ ଚାଷୀକୁ କେତେ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସିଇଆଇସି(CEIC) ତରଫରୁ ଜାରି କରାଯାଇଥିବା ପରିସଂଖ୍ୟାନ ଅନୁଯାୟୀ ହେକ୍ଟର ପିଛା ଧାନ ଚାଷ କରିବାପାଇଁ ୨୦୨୧ ମସିହାରେ ୬୭ ହଜାର ୬ଶହ ୮ଟଙ୍କା ଖର୍ଚ୍ଚ ହେଉଥିଲାବେଳେ ୨୦୨୨ ମସିହାରେ ଏହି ଖର୍ଚ୍ଚ ବୃଦ୍ଧିପାଇ ୭୧ହଜାର ୨ଶହ ୯୧ଟଙ୍କାରେ ପହଂଚିଥିଲା। ୨୦୨୩ ଓ ୨୦୨୪ ମସିହାର ପରିସଂଖ୍ୟାନ ପ୍ରକାଶିତ ହୋଇନଥିଲେ ମଧ୍ୟ ସରକାର ଅନୁସରଣ କରୁଥିବା କୃଷି ନୀତି ଯୋଗୁ ଚାଷ ଖର୍ଚ୍ଚ ଯେ ବଢିଚାଲିଛି ସେକଥା ସମସ୍ତେ ଜାଣନ୍ତି।

ମାତ୍ର ସରକାର ଛାତିପିଟି ଖବର କାଗଜ ଓ ଟିଭିରେ ବିଜ୍ଞାପନ ଦେଇ ଯେଉଁ କ୍ଷତିପୂରଣ ଘୋଷଣା କରିଛନ୍ତି ତାହା ହେଉଛି ୧୨୮୫୭ଟଙ୍କା। ଏହା ସମସ୍ତେ ଜାଣନ୍ତି ଯେ ଅଦିନିଆ ବର୍ଷା ଫଳରେ ଗଞ୍ଜାମ, ପୁରୀ ଭଳି ଜିଲ୍ଲା ସମେତ କ୍ଷତିଗ୍ରସ୍ତ ଜିଲ୍ଲା ମାନଙ୍କର ବ୍ୟାପକ ଅଂଚଳରେ ଚାଷୀମାନଙ୍କର ଶତକଡା ଶହେଭାଗ ଫସଲ ନଷ୍ଟ ହୋଇଛି। ଏହି ଚାଷୀ ୧୨୮୫୭ ଟଙ୍କା ହେକ୍ଟର ପିଛା କ୍ଷତିପୂରଣ ପାଇଲେ ବଂଚିବ କିଭଳି ? ଆତ୍ମହତ୍ୟା କରିବା କିମ୍ୱା ଦାଦନ ଖଟିବାପାଇଁ ପଳାୟନ କରିବା ବ୍ୟତୀତ ତା ପାଖରେ ଅନ୍ୟ କୌଣସି ରାସ୍ତା ନାହିଁ।

ଏ ସଂପର୍କିତ ଆଉ ଏକ ପ୍ରସଙ୍ଗ ଉପରେ ବର୍ତ୍ତମାନ ଆଲୋଚନା କରାଯାଉ। ଯୁକ୍ତି ଖାତିରରେ ଧରି ନିଆଯାଉ ଜଣେ ଚାଷୀଙ୍କ ଫସଲ ଶତକଡା ୩୩ଭାଗ ନଷ୍ଟ ହୋଇଛି ଏବଂ ସେ ସରକାରୀ ସହାୟତା ପାଇଲେ। ତା'ହେଲେ ତାଙ୍କର ବଳକା ୬୭ଭାଗ ଧାନକୁ ସେ କ'ଣ କରିବେ? ପୂର୍ବରୁ ଉଲ୍ଲେଖ କରାଯାଇଛି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ସରକାର ସମସ୍ତ ଫସଲ ଖରିଦ କରିବେ। ମାତ୍ର ଏକାସମୟରେ ଗ୍ରେନ୍ ଆନାଲାଇଜରରେ ଏଫ୍‌କ୍ୟୁ ମାନ ଯାଂଚକରି କେବଳ ଉପଯୁକ୍ତ ମାନର

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

## ହତାଶାଗ୍ରସ୍ତ . . .

*(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)*

ଧାନହିଁ ମଣ୍ଡି ଜରିଆରେ ସରକାର ଖରିଦ୍ କରିବେବୋଲି ସରକାର ପୂର୍ବରୁ ଘୋଷଣା କରିଛନ୍ତି। ପୁଣି ଅଦିନିଆ ବର୍ଷା ଦୃଷ୍ଟିରୁ ଏଫ୍ଏକ୍ୟୁ ମାନକୁ କୋହଳ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ବିବୃତ୍ତି ଦେଇଛନ୍ତି। ମାତ୍ର ଏ ବାବଦରେ ସରକାରୀ ନିଷ୍ପତ୍ତି କ'ଣ ସେକଥା କାହାରିକୁ ଜଣାନାହିଁ। ଏ ପର୍ଯ୍ୟନ୍ତ ମଧ୍ୟ ଜଣାନାହିଁ। ଉଲ୍ଲେଖଯୋଗ୍ୟ ବର୍ଷା ମାଡ ଯୋଗୁ ଧାନର ରଙ୍ଗ ଖରାପ ହୋଇଯାଇଛି। ଫଳରେ ଏହି ଧାନ ଗ୍ରେନ୍ ଆନାଲାଇଜର ଦ୍ୱାରା ଅଗ୍ରାହ୍ୟ ହେଉଛି। ଏ ବାବଦରେ ସରକାରଙ୍କ ତରଫରୁ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇ ନଥିବାରୁ ମଣ୍ଡିରେ ଚାଷୀ ହନ୍ତସନ୍ତ ହେଉଛି। କେତେକ ସ୍ଥାନରେ ଧାନକୁ ପୂର୍ବ ରଂଗ ପ୍ରଦାନ ପାଇଁ ପଲିସ କରାଯାଉଛି ଏବଂ ସେଥିପାଇଁ ଚାଷୀକୁ କ୍ୱିଣ୍ଟାଲ ପିଛା ୫୦ଟଙ୍କା ଲେଖାଏଁ ଦେବାକୁ ହେଉଛି ବୋଲି କେତେକ ପ୍ରମୁଖ ଖବର କାଗଜରେ ପ୍ରକାଶ ପାଇଛି। ଧାନର ମାନକୁ ନେଇ ଚାଷୀ, ମିଲର ଓ ସମବାୟ ସମିତି କର୍ତ୍ତୃପକ୍ଷଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଥିବାରୁ ରାଜ୍ୟବ୍ୟାପୀ ମଣ୍ଡିରେ ଧାନ ଖରିଦ କ୍ଷେତ୍ରରେ ସଂକଟ ଲାଗି ରହିଥିଲାବେଳେ ମିଲର ମାନଙ୍କ ଗୋଦାମ କିନ୍ତୁ ଧାନରେ ଭର୍ତ୍ତି ହୋଇଗଲାଣି। ଅର୍ଥାତ୍ ଚାଷୀ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛି। ଅନ୍ୟପଟରେ ଏହି ବିଭ୍ରାନ୍ତିର ସୁଯୋଗ ନେଇ ମଣ୍ଡିରେ ବ୍ୟାପକ କଟ୍‌ନୀ-ଛଟନୀ ହେଉଛି। ସୂଚନାଯୋଗ୍ୟ କଟନୀ-ଛଟନୀ ସଂପୂର୍ଣ୍ଣ ବେଆଇନ ଘୋଷିତ ହେବ ଏବଂ ଚାଷୀକୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇ ବିଜେପି ଦଳ ରାଜ୍ୟରେ କ୍ଷମତାକୁ ଆସିଛି। ମାତ୍ର ହାତରେ ନ ମାରି ଭାତରେ ମାରିବା ନ୍ୟାୟରେ ସରକାରଙ୍କ ଜ୍ଞାତସାରରେ ମଣ୍ଡିମାନଙ୍କରେ ପୂର୍ବାପେକ୍ଷା କଟଣୀ-ଛଟଣୀ ଆହୁରି ବ୍ୟାପକ ହୋଇଛି। ଅଭାବି ବିକ୍ରି ବହୁଗୁଣିତ ହୋଇଛି। ମଣ୍ଡିରେ ଅବ୍ୟବସ୍ଥା ଆହୁରି ଉତ୍କଟ ହୋଇଛି। ମଣ୍ଡି ନିୟମ ଅନୁଯାୟୀ ଚାଷୀକୁ ବସ୍ତା ଯୋଗାଇ ଦିଆଯାଉନାହିଁ। ଚାଷୀଠାରୁ ବସ୍ତା ବାବଦ୍ ଟଙ୍କା ଆଦାୟ କରାଯାଉଛି। ମଣ୍ଡିରେ ଅଖାନାହିଁ, ଧାନ ରଖିବାପାଇଁ ଜାଗା ନାହିଁ, ଚାଷୀ ବିଶ୍ରାମ ନେବା କିମ୍ବା ରାତ୍ରୀ ଯାପନ କରିବାପାଇଁ ଉପଯୁକ୍ତ ବ୍ୟବସ୍ଥା ନାହିଁ, ଶୌଚାଳୟର ବ୍ୟବସ୍ଥା ନାହିଁ, ରାସ୍ତାକଡରେ ଧାନ ରଖି ଚାଷୀ ଶୀତ କାକରରେ ପଡିରହୁଛି ମାତ୍ର ଧାନ ବିକ୍ରି କରିପାରୁନାହିଁ। ମଣ୍ଡିଗୁଡିକ ଦଲାଲମାନଙ୍କ ଅଭୟାରଣ୍ୟରେ ପରିଣତ ହୋଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବ୍ୟାପକ ମଣ୍ଡି ଅବ୍ୟବସ୍ଥା ସଂପର୍କିତ ସମ୍ବାଦ ଖବର କାଗଜରେ ପ୍ରକାଶିତ ହେଉଛି।

ରାଜ୍ୟରେ ଚାଷୀମାନଙ୍କ ଦୁଃଖଦାୟକ ଅବସ୍ଥାକୁ ଭଲ ଭାବରେ ବୁଝିବାକୁ ହେଲେ ଆଉ ଗୋଟିଏ ଦିଗ ଉପରେ ଗଭୀର ଭାବରେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଏହା ହେଉଛି ଭାଗଚାଷୀମାନଙ୍କ ସମସ୍ୟା। ଏଠାରେ ଉଲ୍ଲେଖଯୋଗ୍ୟ ରାଜ୍ୟର ଶତକଡା ୯୨ଭାଗ ଚାଷୀ ହେଉଛନ୍ତି ଭାଗଚାଷୀ, କ୍ଷୁଦ୍ର ଚାଷୀ କିମ୍ବା ନାମମାତ୍ର ଚାଷୀ। ରାଜ୍ୟରେ ମାତ୍ର ଶତକଡା ୮ଭାଗ ଜମି ମାଲିକ ଚାଷ କରନ୍ତି। ସୁତରାଂ, ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା ନକଲେ ଏ ସଂପର୍କିତ ଆଲୋଚନା ଅସଂପୂର୍ଣ୍ଣ ରହିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ନିଜ ମାଲିକାନାରେ ଥିବା ସ୍ୱଳ୍ପ ପରିମାଣର ଜମିରେ ଚାଷ କରିବା ବ୍ୟତୀତ ଜମି ମାଲିକ ମାନଙ୍କଠାରୁ ଭାଗରେ ଜମି ଆଣି ଚାଷ କରନ୍ତି। ସେଥିପାଇଁ କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ ଓ ଭାଗଚାଷୀ ମାନଙ୍କୁ ଆମେ ଆମ ଆଲୋଚନାରେ ସମାନ ଧରଣର ଚାଷୀ ହିସାବରେ ବିଚାର କରୁଛୁ।

ଉପର ଆଲୋଚନାରୁ ସ୍ପଷ୍ଟ ଯେ ରାଜ୍ୟରେ ଉତ୍ପାଦିତ ହେଉଥିବା ସମସ୍ତ ଖାଦ୍ୟ ଶସ୍ୟ ଏହି ଭାଗଚାଷୀମାନଙ୍କ ଦ୍ୱାରାହିଁ ଉତ୍ପନ୍ନ ହୁଏ। ମାତ୍ର ଏହି ଚାଷୀମାନଙ୍କୁ ବ୍ୟାଙ୍କ ବା ଅନ୍ୟକୌଣସି ସରକାରୀ ଆର୍ଥିକ ସଂସ୍ଥାରୁ ଚାଷ ପାଇଁ ଋଣ ମିଳେ ନାହିଁ। ଫଳରେ ଏହି ଭାଗଚାଷୀମାନେ ହୁଏତ ଚଢା ସୁଧରେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା, ମାଇକ୍ରୋ ଫାଇନାନ୍ସ ସଂସ୍ଥା କିମ୍ବା ମହାଜନମାନଙ୍କଠାରୁ ଚାଷ ପାଇଁ ଋଣ ଆଣନ୍ତି। ଏପରିକି ମହିଳାମାନଙ୍କର ଗହଣା ବନ୍ଧା ପକାଇ ଚାଷ ପାଇଁ ଅର୍ଥ ସଂଗ୍ରହ ଏକ ସାଧାରଣ ଘଟଣା। ଏହି ଭାଗଚାଷୀ ମାନେ ହିଁ ହାଡଭଙ୍ଗା ପରିଶ୍ରମ କରି ଚାଷ କରନ୍ତି। ମାତ୍ର ଫସଲ ନଷ୍ଟ ହେଲେ ଟଙ୍କାଟିଏ ମଧ୍ୟ କ୍ଷତିପୂରଣ ପାଆନ୍ତି ନାହିଁ। ଫସଲ ନଷ୍ଟପରେ ଆଗାମୀ ଫସଲ ପାଇଁ ସରକାରୀ ସହାୟତା ବା ଇନପୁଟ ସବ୍‌ସିଡି କିମ୍ବା ଫସଲ ବୀମା କରିବାର ସୁଯୋଗ ଭାଗଚାଷୀମାନଙ୍କର ନାହିଁ। ମଣ୍ଡିରେ ଫସଲ ବିକ୍ରି କରିବାର ଅଧିକାର ମଧ୍ୟ ଏହି ଭାଗଚାଷୀମାନଙ୍କର ନାହିଁ। ସୁତରାଂ ଘରେ ଖାଇବା ପାଇଁ ରଖାଯାଇଥିବା ଧାନ ବ୍ୟତୀତ ଭାଗଚାଷୀ ଭାଗରେ ପଡୁଥିବା ଶତକଡା ଶହେଭାଗ ଧାନ ଅଭାବୀ ବିକ୍ରିହୁଏ। ଏହି ଭାଗଚାଷୀ ମାନଙ୍କଠାରୁ ବେପାରୀମାନେ କମ୍‌ଟଙ୍କାରେ ଧାନ କିଣି ମାଲିକମାନଙ୍କ ଟୋକନରେ ମଣ୍ଡିରେ ଅଧିକ ଟଙ୍କାରେ ବିକ୍ରି କରି ମୁନାଫା ଲୁଟ୍ କରନ୍ତି। ଭାଗଚାଷୀ ଅଭାବୀ ବିକ୍ରି କରିବାକୁ ବାଧ୍ୟ କାରଣ ତାର ଗତ୍ୟନ୍ତର ନାହିଁ। ସବୁଠାରୁ ବିଡମ୍ବନାର ବିଷୟ ହେଉଛି ରାଜ୍ୟସାରା କେବଳ ଭାଗଚାଷୀହିଁ ଦେଖିବାକୁ ମିଳିବେ ମାତ୍ର ସରକାରୀ ନିୟମ ଅନୁଯାୟୀ ଭାଗଚାଷୀ ଶବ୍ଦଟି ହିଁ ବେଆଇନ। ୧୯୭୬ ମସିହା କୃଷି ଆଇନରେ ସଂଶୋଧନ କରାଯିବା ଫଳରେ ଆଇନ ଆଖିରେ ଭାଗଚାଷ ଏକ ବେଆଇନ କାମ। ସ୍ୱାଭାବିକ ଭାବରେ ଏହି ତଥାକଥିତ ବେଆଇନ କାମରେ ଲିପ୍ତ ରାଜ୍ୟର ଶତକଡା ୯୨ଭାଗ ଚାଷୀଙ୍କ ପାଇଁ ସମସ୍ତେ କାନ୍ଦୁଛନ୍ତି ହେଲେ କାହାରି ଆଖିରୁ ଲୁହ ବୋହୁ ନାହିଁ। ଦଶଂଧି ଦଶଂଧି ଧରି ଭାଗ ଚାଷୀ ଦୟନୀୟ ଜୀବନ ଯାପନ କରୁଛି, ଲକ୍ଷ ଲକ୍ଷ ସଂଖ୍ୟାରେ ଆତ୍ମହତ୍ୟା କରୁଛି।

ଭାଗଚାଷୀ ମାନଙ୍କୁ ଉପଯୁକ୍ତ ପ୍ରାପ୍ୟ ଦେବାପାଇଁ ବିଗତ ବହୁ ଦଶଂଧି ଧରି ଦାବି କରାଯାଉଛି। ୨୦୧୭ ମସିହାରେ ବର୍ତ୍ତମାନ ଭଳି ଅଦିନିଆ ବର୍ଷାରେ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ଏବଂ ଶତାଧିକ ଚାଷୀ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା କରିଥିବା ଚାଷୀମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଭାଗଚାଷୀ। ଏହାକୁ କେନ୍ଦ୍ରକରି ତୀବ୍ର ଜନ ଅସନ୍ତୋଷ ଦେଖା ଦେଇଥିଲା। ଏହି ଜନ ଅସନ୍ତୋଷକୁ ସାମୟିକ ଭାବରେ ପ୍ରଶମିତ କରିବାପାଇଁ ତତ୍‌କାଳୀନ ରାଜ୍ୟ ବିଜେଡି ସରକାର ରାଜ୍ୟର ରାଜସ୍ୱ, କୃଷି ଓ ସମବାୟ ମନ୍ତ୍ରୀଙ୍କୁ ଦେଇ ଏକ କମିଟି ଗଠନ କରିଥିଲା। ଭାଗଚାଷୀମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ପାଇଁ କ'ଣ କରାଯାଇପାରେ ସେ ସଂପର୍କରେ ସୁପାରିଶ କରିବାକୁ ଏହି କମିଟିକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଏହି କମିଟିର ସୁପାରିଶ କାର୍ଯ୍ୟକାରୀ ହେବା ଦୂରର କଥା ଆଜି ମଧ୍ୟ ସର୍ବସାଧାରଣରେ ପ୍ରକାଶିତ ହୋଇନାହିଁ। ସୁପାରିଶ ସରକାରୀ ନାଲିଫିତାରେ ବନ୍ଧାହୋଇ ରହିଛି କିମ୍ବା ଇତି ମଧ୍ୟରେ ହଜି ଯାଇଛି। ଏହାବ୍ୟତୀତ ୨୦୧୬ ମସିହାରେ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ମଧ୍ୟ ଭାଗଚାଷୀମାନଙ୍କୁ ଆଇନଗତ ଅଧିକାର ଦେବାପାଇଁ ରାଜ୍ୟ ସରକାରଙ୍କୁ ସୁପାରିଶ କରିଥିଲା। ମାତ୍ର ଏହା ମଧ୍ୟ କାର୍ଯ୍ୟକାରୀ କରାଯାଇନାହିଁ। ଏହା ଫଳରେ ରାଜ୍ୟର ଶତକଡା ୯୨ଭାଗ ଚାଷୀ ଅତ୍ୟନ୍ତ ଦୟନୀୟ ଜୀବନଯାପନ କରୁଛନ୍ତି। ବର୍ତ୍ତମାନର ଅଦିନିଆ ବର୍ଷାଜନିତ ଫସଲ ହାନୀ ପରେ ରାଜ୍ୟ କୃଷିମନ୍ତ୍ରୀ ସିଧାସଳଖ କହିଛନ୍ତି- ଭାଗଚାଷୀ ସରକାରଙ୍କଠାରୁ କୌଣସି ସହାୟତା ପାଇବେ ନାହିଁ। ଜମି ମାଲିକ ଓ ଭାଗଚାଷୀମାନେ ପରସ୍ପର ମଧ୍ୟରେ ବୁଝାମଣା କରି କ୍ଷତିପୂରଣ ଅର୍ଥ ବାଣ୍ଟି ନିଅନ୍ତୁ। ଜମି ମାଲିକ ଯେଉଁ ସାମାନ୍ୟ କ୍ଷତିପୂରଣ ପାଇବ ସେକଥା ପୂର୍ବରୁ ଉଲ୍ଲେଖ କରାଯାଇଛି। ସୁତରାଂ, ଏ ବାବଦରେ ମନ୍ତ୍ରୀଙ୍କ ଘୋଷଣାର ଅର୍ଥ ହେଲା ବର୍ତ୍ତମାନ ଭାଗଚାଷୀ କିଛି ପାଇବେ ନାହିଁ କିମ୍ବା ଭବିଷ୍ୟତରେ ଭାଗଚାଷୀମାନଙ୍କ ସୁରକ୍ଷା ପାଇଁ କୌଣସି ଆଇନ ପ୍ରଣୟନ କରିବା ବିଷୟ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ପରିକଳ୍ପନା ମଧ୍ୟ କରୁ ନାହାନ୍ତି। ଫଳରେ ଭାଗଚାଷୀ ଋଣ ଯନ୍ତାରେ ପଡି ଆତ୍ମହତ୍ୟା କରିବ କିମ୍ବା ଚାଷ ଛାଡି ଦାଦନ ଶ୍ରମିକରେ ପରିଣତ ହେବ।

ଅଦିନିଆ ବର୍ଷା ଜନିତ ପରିସ୍ଥିତି ସଂପର୍କରେ ଆଲୋଚନା କରିବା ଅବସରରେ ଏ ସଂପର୍କିତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରାଯିବା ଆବଶ୍ୟକ। ଏହା ହେଉଛି କେନ୍ଦ୍ର ବିଜେପି ସରକାରର ବହୁ ପ୍ରଚାରିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା। ସୂଚନାଯୋଗ୍ୟ ୨୦୧୬ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରଗଡଠାରେ ଏହି ଯୋଜନାର ଆୟମାରମ୍ଭ କରିଥିଲେ। ଏହି ଯୋଜନା ଅନୁଯାୟୀ ବୀମାଭୁକ୍ତ ଚାଷୀମାନଙ୍କ ବ୍ୟତୀତ ରାଜ୍ୟ ଓ କେନ୍ଦ୍ର ସରକାର ମଧ୍ୟ ବୀମା ପ୍ରିମିୟମର ଏକାଂଶ ବୀମା କମ୍ପାନୀମାନଙ୍କୁ ପ୍ରଦାନ କରିବାର ବ୍ୟବସ୍ଥା କରାଗଲା। ଏହି ଯୋଜନା ଚାଷୀମାନଙ୍କ ଦୁଃଖ ସବୁଦିନ ପାଇଁ ଦୂର କରିବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ ଘୋଷଣା କରିଥିଲେ। ମାତ୍ର ଗତ ୫ବର୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଂପର୍କରେ ସଂପ୍ରତି ପ୍ରକାଶିତ ରିପୋର୍ଟରୁ ଏହି ଦାବିର ଅସାରତା ସ୍ପଷ୍ଟ ହେଉଛି। ଏହି ରିପୋର୍ଟ ଅନୁଯାୟୀ ଗତ ୫ବର୍ଷ ମଧ୍ୟରେ ବୀମା ପ୍ରିମିୟମ ଆକାରରେ ଘରୋଇ ବୀମା କମ୍ପାନୀମାନେ ଓଡିଶାରୁ ୭୮୬୬୩୨ ଲକ୍ଷ ଟଙ୍କା ଆଦାୟ କରିଛନ୍ତି ମାତ୍ର ଚାଷୀମାନେ ମୋଟ ୩୪୬୦୮୩ ଲକ୍ଷ ଟଙ୍କା କ୍ଷତିପୂରଣ ଆକାରରେ ପାଇଛନ୍ତି। କେବଳ ଏତିକି ନୁହେଁ, ବୀମା କମ୍ପାନୀମାନଙ୍କଠାରୁ କ୍ଷତିପୂରଣ ପାଉଥିବା ଚାଷୀମାନଙ୍କ ସଂଖ୍ୟା କମି ଚାଲିଛି। ୨୦୧୯ ମସିହାରେ ଓଡିଶାରେ ୩ଲକ୍ଷ ୯୫ହଜାର ଚାଷୀ କ୍ଷତିପୂରଣ ପାଇଥିଲାବେଳେ ୨୦୨୩ରେ ଏହି ସଂଖ୍ୟା ଥିଲା ମାତ୍ର ୧ଲକ୍ଷ ୫୭ ହଜାର। ଏହି ରିପୋର୍ଟର ତର୍ଜମା କଲେ ଦେଖାଯିବ ଯେ ୨୦୧୯ରୁ ୨୦୨୩ ମଧ୍ୟରେ ବୀମା କମ୍ପାନୀମାନେ ଆଦାୟ କରୁଥିବା ପ୍ରିମିୟମର ପରିମାଣ ବଢିଚାଲିଥିଲାବେଳେ କ୍ଷତିପୂରଣ ପରିମାଣ କମିଚାଲିଛି। କ୍ଷତିପୂରଣ ପାଇଥିବା ଚାଷୀଙ୍କ ସଂଖ୍ୟା ମଧ୍ୟ କମି ଚାଲିଛି। ଏହାର ଅର୍ଥ ହେଉଛି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କୃଷକମାନଙ୍କୁ ସହାୟତା ଦେବା ବଦଳରେ ଘରୋଇ ବୀମା କମ୍ପାନୀମାନଙ୍କର ମୁନାଫା ଲୁଟ୍‌ର ମାଧ୍ୟମ ହୋଇଛି। 'କୃଷକ ଓଡିଶା ପୋର୍ଟାଲ୍' ଅନୁଯାୟୀ ଓଡିଶାରେ ୮୮ଲକ୍ଷ ୬୭ ହଜାର ୯୨୪ ଜଣ ଚାଷୀ ଅଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ପୋର୍ଟାଲ ଅନୁଯାୟୀ ଡିସେମ୍ବର ମାସ ଅଦିନିଆ ବର୍ଷା ବେଳକୁ ରାଜ୍ୟର ୨୨ଲକ୍ଷ ୪୮ ହଜାର ୭୪୫ ଜଣ ଚାଷୀ ବୀମାଭୁକ୍ତ ହୋଇଥିଲେ। ମାତ୍ର ଅଦିନିଆ ବର୍ଷାରେ ସଂପ୍ରତି ରାଜ୍ୟରେ ବ୍ୟାପକ ସଂଖ୍ୟକ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ବୀମା କମ୍ପାନୀମାନଙ୍କଠାରୁ କ୍ଷତିପୂରଣ ପାଇବା ପାଇଁ ଆବେଦନ କରିଥିବା ଚାଷୀଙ୍କ ସଂଖ୍ୟା ୨ଲକ୍ଷରୁ ସାମାନ୍ୟ ଅଧିକ। ପ୍ରଶ୍ନ ଉଠୁଛି ବିପୁଳ ସଂଖ୍ୟକ ବୀମାଭୁକ୍ତ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ କ୍ଷତିପୂରଣ ପାଇଁ କାହିଁକି ଆବେଦନ କରିନାହାନ୍ତି ? ରାଜ୍ୟ ସରକାର ଓ ବୀମା କମ୍ପାନୀମାନେ କରିଥିବା ମିଳିତ ଷଡଯନ୍ତ୍ର ଫଳରେ ଏଭଳି ଘଟିଛି ବୋଲି ବର୍ତ୍ତମାନ ସ୍ପଷ୍ଟ ହୋଇଛି। ଅଦିନିଆ ବର୍ଷାପରେ କ୍ଷତିଗ୍ରସ୍ତ କ୍ଷେତର ଭିଡିଓ କରି ଅନ୍‌ଲାଇନ୍‌ରେ କ୍ଷତିପୂରଣ ପାଇଁ ଆବେଦନ କରିବାକୁ ସରକାର ସାମାଜିକ ଗଣମାଧ୍ୟମରେ ଘୋଷଣା କଲେ। ସରକାରଙ୍କର ଏହି ଘୋଷଣା ରାଜ୍ୟର ଲକ୍ଷ ଲକ୍ଷ କ୍ଷତିଗ୍ରସ୍ତ ଚାଷୀ ଜାଣିଲାବେଳକୁ ଆବେଦନର ସମୟ ଗଡିଯାଇଥିଲା। ପୁଣି ସର୍ଭର ଡାଉନ ରହିବା ଏବଂ ଗ୍ରାମାଂଚଳରେ ଦୁର୍ବଳ ନେଟ୍ ଯୋଗାଯୋଗ ଯୋଗୁ ଲକ୍ଷ ଲକ୍ଷ ଚାଷୀ ଓ୍ୱେବ୍‌ସାଇଟରେ ନିର୍ଦ୍ଧାରିତ ସମୟରେ ଆବେଦନ କରିପାରିଲେ ନାହିଁ। ସ୍ୱାଭାବିକ ଭାବରେ ସେହି ଚାଷୀମାନେ କ୍ଷତିପୂରଣ ପାଇବାରୁ ବଂଚିତ ହେବେ ଏବଂ ଘରୋଇ ବୀମା କମ୍ପାନୀ ମୁନାଫା ଲୁଟ୍ କରିବେ। ଚଳିତ ବର୍ଷ ଅଦିନିଆ ବର୍ଷାପରେ ସରକାରୀ କଳ ଓ ବୀମା କମ୍ପାନୀ ମାନଙ୍କ ପକ୍ଷରୁ ନିୟମ ଅନୁଯାୟୀ ମିଳିତ ସର୍ଭେ କରାଯାଇନାହିଁ କିମ୍ବା ଯେଉଁଠାରେ କରାଯାଇଛି ତା' ଅତ୍ୟନ୍ତ ଉପର ଠାଉରିଆ। ଫଳରେ କ୍ଷୟକ୍ଷତିର ପ୍ରକୃତ ଚିତ୍ର ସାମନାକୁ ଆସି ନାହିଁ ଏବଂ ଏହାଫଳରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ କ୍ଷତିପୂରଣର ରାସ୍ତା ମୂଳରୁହିଁ ବନ୍ଦ କରିଦିଆଯାଇଛି।

ଏହିଭଳି ଭାବରେ ଋଣଯନ୍ତା, ସରକାରୀ ଉଦାସୀନତା ଏବଂ ଘରୋଇ ବୀମା କମ୍ପାନୀମାନଙ୍କର ଶୋଷଣ ଫଳରେ ରାଜ୍ୟରେ ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଆଜି ଦୁର୍ଦ୍ଦଶାର ଚରମ ସୀମାରେ ପହଂଚିଛି, ଅତ୍ୟନ୍ତ ଦୟନୀୟ ଜୀବନ ଯାପନ କରୁଛନ୍ତି। ପେଟ ବିକଳରେ ଦାଦନ ବାହିନୀରେ ଯୋଗଦେଇ ସହରର ପୁତିଗନ୍ଧମୟ ବସ୍ତିମାନଙ୍କରେ ମାନବୋତ୍ତର ଜୀବନଯାପନ କରିବାକୁ ବାଧ୍ୟ ହେଉଛି କିମ୍ବା ପ୍ରତି ମୁହୂର୍ତ୍ତରେ ମରିମରି ବଂଚିବାର ଦୁର୍ବିସହ ପରିସ୍ଥିତିରୁ ମୁକ୍ତି ପାଇବାପାଇଁ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଏହାହିଁ ହେଉଛି ରାଜ୍ୟରେ ଚାଷୀ ମାନଙ୍କର ବାସ୍ତବ ଅବସ୍ଥା। ★★★

# ଏଆଇକେକେଏମ୍ଏସ୍ ଓଡିଶା ରାଜ୍ୟ କମିଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି



ଏଆଇକେକେଏମ୍ଏସ୍ ଓଡିଶା ରାଜ୍ୟ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂଗଠନର ରାଜ୍ୟ ସଭାପତି କମ୍ରେଡ୍ ସଦାଶିବ ଦାସଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଠାରେ ଜାନୁୟାରୀ ୧୦ ତାରିଖରେ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ଉପସ୍ଥିତ ସଭ୍ୟମାନେ ରାଜ୍ୟରେ ଦେଖା ଦେଇଥିବା ଚାଷୀ ମୂଲିଆ ମାନଙ୍କର ଜ୍ୱଳନ୍ତ ସମସ୍ୟା ଉପରେ ବିସ୍ତୃତ ଭାବେ ଆଲୋଚନା କରିବା ପରେ ଓଡ଼ିଶାରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ମତ ଦେଇଥିଲେ। ସଂଗଠନ ବିଭିନ୍ନ ଦାବି ଉତ୍‌ଥାପନ କରି ବ୍ଲକ ସ୍ତରରେ ଲଗାତର ଆନ୍ଦୋଳନ ଅବ୍ୟାହତ ରଖିବା ସହିତ ସଙ୍ଗଠନର ସର୍ବଭାରତୀୟ କମିଟି ଆହ୍ୱାନରେ ସାରା ଦେଶରେ ଫେବ୍ରୁଆରୀ ୨୫ ତାରିଖରେ ସମସ୍ତ ରାଜ୍ୟର ରାଜଧାନୀରେ ବିକ୍ଷୋଭ ସମାବେଶ କରିବା ଡାକରାକୁ ସଫଳ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସଭ୍ୟ ସଂଗ୍ରହ ଅଭିଯାନ ଜାନୁଆରୀ ମାସ ଠାରୁ ମଇ ମାସ ଯାଏ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏହି ସମସ୍ତ ନିଷ୍ପତ୍ତି ଗୁଡିକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବା, ବିଶେଷ କରି ଫେବ୍ରୁଆରୀ ୨୫ ବିଧାନ ସଭା ଅଭିଯାନକୁ ସଫଳ କରିବାପାଇଁ ବ୍ୟାପକ ସଂଖ୍ୟାରେ ଚାଷୀ, ଭାଗଚାଷୀ ଓ କ୍ଷେତ ମଜଦୁର ମାନଙ୍କୁ ସଂଗଠିତ କରିବା ପାଇଁ ରାଜ୍ୟ ସମ୍ପାଦକ ଏଆଇକେକେଏମ୍ଏସ୍‌ର ରାଜ୍ୟ ନେତୃତ୍ୱ ପକ୍ଷରୁ ସଙ୍ଗଠନର ସମସ୍ତ କର୍ମୀ,ସମର୍ଥକ ସର୍ବୋପରି ରାଜ୍ୟର ସମସ୍ତ ଚାଷୀ ମାନଙ୍କୁ ନିବେଦନ କରିଛନ୍ତି।

## ଚାକଚକ୍ୟର ଛଦ୍ମବେଶ. . .

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

ଏବଂ ଏବେ ବି ଚାଲିଛି ଆମେ ସମସ୍ତେ ତାହାର ଭୁକ୍ତଭୋଗୀ। ମାତ୍ର ୨୦୦୦ ମସିହା ଚାଲିଗଲା, ଫଳ ଶୂନ।

ସର୍ବ ଶିକ୍ଷା ଅଭିଯାନ ନାଁରେ ପୁଣି ନୂଆ ଅଭିଯାନ ଆରମ୍ଭ ହେଲା। ସେହି ଏକା କଥା, ଦଶବର୍ଷର ଟାର୍ଗେଟ୍ ୨୦୧୦ସୁଦ୍ଧା ସମସ୍ତଙ୍କୁ ଶିକ୍ଷା। ସେତିକିରେ ସୀମିତ ନରହି ଅଭିଯାନକୁ ଆହୁରି ସଂପ୍ରସାରଣ କରି ଆରମ୍ଭ କରାଗଲା ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ (RMSA)। ସମସ୍ତଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ତାହା ପୁଣି ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବାର କଥା କୁହାଗଲା। କିନ୍ତୁ ଫଳ କଣ ହେଲା ? ଆକାଶ କଇଁଆ ଚିଲିକା ମାଛ। ସମସ୍ତଙ୍କୁ ଶିକ୍ଷା ତ ଦୂରର କଥା ପିଲା ମାନେ ଯାହାବି କିଛି ପାଠ ପଢୁଥିଲେ ଡି.ପି.ଇ.ପି, ସର୍ବଶିକ୍ଷା ଅଭିଯାନ ସବୁକିଛିକୁ ଧ୍ୱଂସ କରିଦେଲା।

ସରକାର ବିଗତଦିନ ମାନଙ୍କରେ ନେଇଥିବା ବହୁ ପ୍ରଚାରିତ ବ୍ଲାକ୍ ବୋର୍ଡ ଅପରେସନ୍, ଶିଶୁ ଯତ୍ନ ଓ ଶିକ୍ଷା, ଶିଶୁ କୈନ୍ଦ୍ରିକ ଶିକ୍ଷା, ଅଣଆନୁଷ୍ଠାନିକ ମୁକ୍ତ ଓ ଦୂର ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ଡି.ପି.ଇ.ପି, ସର୍ବଶିକ୍ଷା ଅଭିଯାନ ଆଦି ବିଭିନ୍ନ ପଦକ୍ଷେପ ନେବା ସତ୍ତ୍ୱେ ଲକ୍ଷ୍ୟ ହାସଲ ସୁଦୂର ପରାହତ। ସବୁକିଛି ଅସଫଳ ହେବାପରେ ଅନିଶ୍ଚିତତାର ସମୁଦ୍ର ମନ୍ଥନ କରି ୨୦୦୯ ମସିହା ଅଗଷ୍ଟ ୨୬ ତାରିଖ ଦିନ ଶିକ୍ଷା ଅଧିକାର ଆଇନ ୨୦୦୯କୁ ପାର୍ଲାମେଣ୍ଟରେ ଗୃହୀତ କରାଇ ଅପୂରିତ ଲକ୍ଷ୍ୟ ହାସଲ କରିବା ପାଇଁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍‌ଫେଲ୍ ବ୍ୟବସ୍ଥାକୁ ଉଚ୍ଛେଦ କରି No Detention Policy ଲାଗୁ କଲେ। ଚାରିଆଡେ ସ୍କୁଲ ଚାଲ ଅଭିଯାନ ଆରମ୍ଭ ହେଲା।

ଶିକ୍ଷକମାନଙ୍କ ଜରିଆରେ ଗାଁ, ସାହି, ବସ୍ତି ବୁଲି ବୁଲି ପିଲାମାନଙ୍କୁ ଚନ୍ଦନ ଫୁଲ ଦେଇ ସ୍କୁଲରେ ଭର୍ତ୍ତି କରାଇଲା। ପିଲାଟି ସ୍କୁଲକୁ ଆସୁ ନଆସୁ ସେଥିରେ କିଛି ଯାଏ ଆସେନା, ସ୍କୁଲ ଖାତାରେ ନାଁ ରହିଲେ ହେଲା। ଆଉ ପରୀକ୍ଷାର ଝିନ୍‌ଝଟ ରହିଲା ନାହିଁ। ଥରେ ଯାହାର ସ୍କୁଲ ଖାତାରେ ନାଁ ଚଢିଗଲା ପ୍ରତିବର୍ଷ ନାଁ ଗଡି ଗଡି ଅଷ୍ଟମ ଶ୍ରେଣୀରେ ପହଁଚିଲା। ଯାହା ଏତେ ଦିନ ପର୍ଯ୍ୟନ୍ତ ହୋଇ ପାରୁନଥିଲା ସରକାର ଏକାଥରକେ କାଗଜ କଲମରେ ଟାଣି ଓଟାରି ପ୍ରାୟ ଶତପ୍ରତିଶତ ଉପସ୍ଥାନ ଦେଖାଇ ନିଜର ପାରିବା ପଣିଆ !ର ପରିଚୟ ଦେଲେ।

ମାତ୍ର ପିଲାଟି କଣ ପଢୁଛି, କେତେ ପାଠ ପଢୁଛି ସେନେଇ କାହାର ନିଘା ନାହିଁ। ସରକାରୀ ବିଦ୍ୟାଳୟରେ ପାଠପଢୁଥିବା ଅଧିକାଂଶ ପିଲାମାନେ ସାଧାରଣ ପରିବାରରୁ ଆସନ୍ତି, ଯେଉଁମାନଙ୍କ ପରିବାର ବଂଚିବା ପାଇଁ ଦିନରାତି ସଂଘର୍ଷ କରୁଛନ୍ତି। ସେମାନେ ପାଠପଢାପ୍ରତି ଅସଚେତନ। କେବଳ ସେମାନେ ପିଲାର ମଧ୍ୟାହ୍ନ ଭୋଜନ, ପୋଷାକ, ବହି ଖାତା ଦିଆ ନିଆ ଭିତରେ ସୀମିତ। ଆଉ ସବୁ କିଛିକୁ ସରକାରଙ୍କ ଭରସାରେ ଛାଡି ଦେଇଛନ୍ତି। ମାତ୍ର ଯେଉଁ ଅଭିଭାବକମାନେ ସଚେତନ ସେମାନେ ନିଜ ପିଲାର ଭବିଷ୍ୟତକୁ ଲକ୍ଷ୍ୟକରି ଧିରେ ଧିରେ ଘରୋଇ ଇଂରାଜୀ ସ୍କୁଲରେ, ସେତକ ନହେଲେ ଘରୋଇ ଓଡିଆ ସ୍କୁଲରେ ଭର୍ତ୍ତି କରୁଛନ୍ତି।

ଡି.ପି.ଇ.ପି, ସର୍ବଶିକ୍ଷା ଅଭିଯାନ, ପାସ୍-ଫେଲ୍ ଉଚ୍ଛେଦ ଇତ୍ୟାଦି ନୀତି ଲାଗୁ ହେବାର ଭୟାବହତା ଲୋକମାନଙ୍କ ସମ୍ମୁଖରେ ସ୍ପଷ୍ଟ ହୋଇଗଲା ଯେତେବେଳେ ଏ.ଏସ୍.ଇ ରିପୋର୍ଟ ପଦାକୁ ଆସିଲା। ଗୋଟେ ପଟେ ସରକାର କେବଳ କାଗଜ କଲମରେ ପିଲାମାନଙ୍କ ଉପସ୍ଥାନ ବଢାଇ ଦେବାରେ ସଫଳ ହେଲେ ମାତ୍ର ଏହାର ଆବରଣ ତଳେ ସୁପରିକଳ୍ପିତ ଭାବେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ଧ୍ୱଂସ କରି ଚାଲିଲେ। (ଏ.ଏସ୍.ଇ ରିପୋର୍ଟ ନେଇ ସର୍ବହରା କ୍ରାନ୍ତି ପୂର୍ବ ସଂଖ୍ୟା ମାନଙ୍କରେ ବିସ୍ତୃତ ବିବରଣୀ ଦିଆଯାଇଥିଲା।) ୨୦୨୪ରେ ପ୍ରକାଶିତ ଏ.ଏସ୍.ଇ ରିପୋର୍ଟ ଅନୁଯାୟୀ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ମଧ୍ୟରୁ ୨୫ଭାଗ ପିଲା ମାତୃଭାଷାରେ ବହି ପଢି ପାରୁନାହାଁନ୍ତି, ୪୨ଭାଗ ପିଲା ଇଂରାଜୀରେ ସହଜ ବାକ୍ୟ ପଢିପାରୁ ନାହାଁନ୍ତି। ଏହି ପିଲାମାନଙ୍କ ମଧ୍ୟରୁ ୫୦ଭାଗରୁ ଉର୍ଦ୍ଧ୍ୱ ପିଲା ହରଣ ଜାଣନ୍ତି ନାହିଁ। ଏପରିକି ଦୈନନ୍ଦିନ କାମ ହିସାବରେ କୌଣସି ଜିନିଷର ଦୈର୍ଘ୍ୟ କେବଳ ୪୦ଭାଗ ପିଲା ଠିକ୍ ଭାବେ ମାପି ପାରୁଛନ୍ତି। ଏହିଭଳି ଅନେକ ବେଦନା ଦାୟକ ତଥ୍ୟସବୁ ରିପୋର୍ଟରେ ରହିଛି। ଯେତେ ସମୟ ଯାଉଛି ସରକାରୀ ଶିକ୍ଷା ବ୍ୟବସ୍ଥାର ସ୍ଥିତି ଦିନକୁ ଦିନ ପରିମାଣଗତ ଏବଂ ଗୁଣଗତ ଦିଗରୁ ଆହୁରି ଖରାପ ହୋଇଚାଲିଛି।

ଏହା ସହିତ ଗତ କିଛି ବର୍ଷ ହେବ ପିଲାସଂଖ୍ୟା କ୍ରମଶଃ ହ୍ରାସର ଆଳ ଦେଖାଇ ସ୍କୁଲ ବନ୍ଦ ଓ ମିଶ୍ରଣ ଚାଲିଛି। ରାଜସ୍ଥାନର ତତ୍‌କାଳୀନ ବିଜେପି ସରକାର ସର୍ବପ୍ରଥମେ ସ୍କୁଲ ବନ୍ଦ ଓ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଥିଲେ। ରାଜସ୍ଥାନରେ ୨୦୧୯ ମସିହା ଭିତରେ ୨୨ହଜାର ସ୍କୁଲ ବନ୍ଦ ହୋଇଥିବା ବେଳେ ତେଲେଙ୍ଗାନାରେ ୪ହଜାର, ମଧ୍ୟପ୍ରଦେଶରେ ସବୁଠାରୁ ଅଧିକ ୩୪ହଜାର ସ୍କୁଲ, ଗୁଜରାଟରେ ୧୩,୪୫୦, ଆନ୍ଧ୍ର ପ୍ରଦେଶରେ ୫,୫୩୦, ତାମିଲନାଡୁରେ ୩ହଜାର, ଉତ୍ତରାଖଣ୍ଡରେ ୧୨ହଜାର, ପଞ୍ଜାବରେ ୧୧୭୦, ମହାରାଷ୍ଟ୍ରରେ ୧୩୯୦୫ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଆଉ ମିଶ୍ରଣ କରାଯାଇଛି। ତତ୍‌କାଳୀନ ରାଜ୍ୟ ବିଜେଡି ସରକାର ନୀତି ଆୟୋଗ ସୁପାରିସ କ୍ରମେ "Rationalisation & Consolidation" ନାଁରେ ରାଜ୍ୟର ୧୪,୩୭୯ଟି ପ୍ରାଥମିକ/ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଏବଂ ମିଶ୍ରଣ କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଥିଲେ। ଆଜି ବିଜେପି ସମେତ ସମସ୍ତ ସରକାରଙ୍କ ମଧ୍ୟରେ ସ୍କୁଲ ବନ୍ଦ ଓ ମିଶ୍ରଣ କରିବା ପାଇଁ ପ୍ରତିଯୋଗିତା ଚାଲିଛି। ନୂତନ ଶିକ୍ଷାନୀତି-୨୦୨୦ ସ୍କୁଲ କମ୍ପ୍ଲେକ୍ସ/କ୍ଲଷ୍ଟର ପ୍ରତିଷ୍ଠା କଥା ଭିତର ଦେଇ ଏହି ବନ୍ଦ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଛି।

ଏଠାରେ ଓଡିଶା ଉଚ୍ଚନ୍ୟାୟାଳୟରେ ସ୍କୁଲ ବନ୍ଦ ଓ ମିଶ୍ରଣ ନେଇ ଦାଖଲ ମାମଲାର ରାୟ ଉଲ୍ଲେଖଯୋଗ୍ୟ। ଉକ୍ତ ରାୟରେ ଦର୍ଶାଯାଇଥିଲା (ବିଜ୍ଞପ୍ତି ନଂ ୫୪୬୫ ସ୍କୁଲ ମିଶ୍ରଣ ବା ବନ୍ଦ କରିବା ଉଦ୍ଦେଶ୍ୟରେ ୨୦୨୦ ମାର୍ଚ୍ଚ ୧୧ ତାରିଖରେ), ରାଜ୍ୟ ସରକାର ଜାରି କରିଥିବା ବିଜ୍ଞପ୍ତି, ସମ୍ବିଧାନର ଧାରା ୨୧(ଏ)ର ବିରୁଦ୍ଧାଚରଣ କରୁଛି। ସେଥିପାଇଁ ବିଭିନ୍ନ ବର୍ଗର ବିଦ୍ୟାଳୟର ଏକତ୍ରୀକରଣ/ମିଶ୍ରଣ (consolidation/merger) ପାଇଁ ପ୍ରସ୍ତାବିତ ପଦ୍ଧତି ଗ୍ରହଣୀୟ ନୁହେଁ।

ଅତଏବ ଓଡିଶା ଉଚ୍ଚନ୍ୟାୟାଳୟ ସ୍ପଷ୍ଟ ଭାଷାରେ ଦର୍ଶାଇଛନ୍ତି ଯେପର୍ଯ୍ୟନ୍ତ ସ୍ଥାୟୀଭିତ୍ତିରେ ସ୍ୱୀକୃତି_ପ୍ରାପ୍ତ ଶିକ୍ଷକ ନିଯୁକ୍ତି କରାଯାଇଛି ଶିକ୍ଷାର ସୁଧାର ଆସିବ ନାହିଁ ବରଂ ଶିକ୍ଷା ଦିନକୁ ଦିନ ରସାତଳଗାମୀ ହେବ। ମାତ୍ର ବିଭିନ୍ନ ରାଜ୍ୟ ସରକାର ଏହା ନକରି ଉପସ୍ଥାନ କମିବାର ଆଳକରି ସରକାରୀ ସ୍କୁଲଗୁଡ଼ିକୁ ବନ୍ଦ ଓ ମିଶ୍ରଣ କରିଚାଲିଛନ୍ତି। ସରକାର ନିଜେ ଡାହାଣୀ ହୋଇ ଲାଗୁଛନ୍ତି ଏବଂ ନିଜେ ଗୁଣିଆ ହୋଇ ଝାଡୁଛନ୍ତି। କେବଳ ସେତିକି ନୁହେଁ ନୀତି ଆୟୋଗ ଦ୍ୱାରା ଚାଲିଥିବା ସାଥ୍-ଇ(SATH-E) ଅଭିଯାନ ଅନୁଯାୟୀ ଆଗାମୀ ଦିନରେ ବହୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ହାଇସ୍କୁଲଗୁଡିକୁ ବନ୍ଦ କରିବା ପାଇଁ ସରକାର ଜିଲ୍ଲାସ୍ତରରେ ତାଲିକା ପ୍ରସ୍ତୁତ କରିଛନ୍ତି ଏବଂ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରିବେ।

ଆଜି ସରକାରୀ ସ୍କୁଲରେ ୧କୋଟିରୁ ଉର୍ଦ୍ଧ୍ୱ କମ୍ ସଂଖ୍ୟକ ପିଲା ନାମ ଲେଖାଇବା ଖବରକୁ ନେଇ ସାରା ଦେଶରେ ଜୋରଦାର ଚର୍ଚ୍ଚା ଚାଲିଛି। ଏହି ଚର୍ଚ୍ଚା ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ, ଚର୍ଚ୍ଚା ମଧ୍ୟଦେଇ ଆମେ ଯଦି ସମସ୍ୟାର ବିଜ୍ଞାନସମ୍ମତ କାରଣ ନଜାଣୁ କେବଳ ଉପର ଠାଉରିଆ ଭାବେ ଏଡେଇ ଦେଇ ଚାଲି ଯାଉ ତେବେ ନେଡିଗୁଡ କହୁଣିକୁ ବହିଯିବା ସାର ହେବ। ଉପରୋକ୍ତ ଆଲୋଚନାରୁ ଆମେ ଦେଖିଲେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସକରିବା ପାଇଁ ଅତ୍ୟନ୍ତ ପରିକଳ୍ପିତ ଭାବରେ ସରକାରମାନେ କ୍ରମାନ୍ୱୟରେ ବିଭିନ୍ନ ପଦକ୍ଷେପ ନେଇଚାଲିଛନ୍ତି। ଯାହା ଫଳରେ ଧ୍ୱଂସପ୍ରାପ୍ତ ସରକାରୀ ଶିକ୍ଷା ବ୍ୟବସ୍ଥାର ଛାତି ଉପରେ ଶିକ୍ଷା ବେପାରୀମାନେ ଶିକ୍ଷାକୁ ନେଇ ଖୁଲମ ଖୋଲା ବେପାର କରିପାରିବେ ଏବଂ ଅନ୍ୟପଟରେ ଶିକ୍ଷାର ମୂଳ ଉଦ୍ଦେଶ୍ୟକୁ ସମୂଳେ ଧ୍ୱଂସ କରିବେ।

* * *

## ଘରୋଇ ବିଦ୍ୟୁତ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଟାଟା, ଆମ୍ବାନୀ, ଗୋଏଙ୍କା ଆଦିଙ୍କ ଚାପରେ କେନ୍ଦ୍ର ବିଜେପି ସରକାର ଇଲେକ୍ଟ୍ରିସିଟି ରାଇଟ୍ସ ଅଫ କଂଜ୍ୟୁମରର୍ସ ରୁଲ ୨୦୨୦ ପ୍ରଣୟନ କରିଛନ୍ତି। ଏହି ରୁଲ ଅନୁଯାୟୀ ବିଦ୍ୟୁତ ଶୁଳ୍କ ଆଦାୟ ପାଇଁ ପ୍ରିପେଡ ସ୍ମାର୍ଟ ବିଦ୍ୟୁତ ମିଟର ଲଗାଯିବ। ବିଜେପି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେ, ୨୦୨୫ ମସିହା ଏପ୍ରିଲ ସୁଦ୍ଧା ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କ ଘରେ ବା ସଂସ୍ଥାରେ ପ୍ରିପେଡ ସ୍ମାଟ ବିଦ୍ୟୁତ ମିଟର ଲଗାଯିବ। ବିଦ୍ୟୁତ ଗ୍ରୀଡର ଆଧୁନିକୀକରଣ ନାଁରେ ପ୍ରିପେଡ ସ୍ମାର୍ଟ ମିଟର ଲଗାଇବା ଓ ସିଷ୍ଟମ ଅପଗ୍ରେଡ୍ ପାଇଁ ବହୁ କୋଟି ଟଙ୍କାର କଣ୍ଟ୍ରାକ୍ଟ ଘରୋଇ କମ୍ପାନୀମାନଙ୍କୁ ପ୍ରଦାନ କରାଯାଉଛି। ଭଲଭାବରେ କାମ କରୁଥିବା ପୁରୁଣା ବିଦ୍ୟୁତ ମିଟରକୁ ବଳପୂର୍ବକ ବିଚ୍ଛିନ୍ନ କରି ପ୍ରିପେଡ ସ୍ମାର୍ଟ ବିଦ୍ୟୁତ ମିଟର ଲଗାଇବା ପାଇଁ ପୂର୍ବର ବିଜେଡି ସରକାର ଓ ବର୍ତ୍ତମାନର ବିଜେପି ସରକାରଙ୍କ ସମେତ ଅନେକ ରାଜ୍ୟ ସରକାର କଡା ପଦକ୍ଷେପ ଲାଗୁ କରିଛନ୍ତି। ବିଦ୍ୟୁତ କ୍ଷେତ୍ର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧିନସ୍ଥ ବିଷୟ। ତେଣୁ କେନ୍ଦ୍ର ସରକାର ଏ କ୍ଷେତ୍ରରେ ଯାହା ନିଷ୍ପତ୍ତି ନେଲେ ମଧ ପ୍ରିପେଡ ସ୍ମାର୍ଟ ମିଟର ଲଗାଇବା କୌଣସି ରାଜ୍ୟ ସରକାରଙ୍କର ପାଇଁ ବାଧ୍ୟତାମୂଳକ ନୁହେଁ। କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ ଯେ ରାଜ୍ୟ ସରକାରମାନେ ପ୍ରିପେଡ ସ୍ମାର୍ଟ ବିଦ୍ୟୁତ ମିଟର ଲଗାଇବା ନିମନ୍ତେ ଉଦ୍ୟମ ଗ୍ରହଣ କରିଛନ୍ତି। ପ୍ରିପେଡ ସ୍ମାଟ୍ ବିଦ୍ୟୁତ ମିଟରରେ ରିଚାର୍ଜ କରାଯାଇଥିବା ଟଙ୍କାର ପରିମାଣ ଶେଷ ହେବା ମାତ୍ରେ ତତ୍‌କ୍ଷଣାତ୍ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଯିବ, ଯାହାକି ବିଦ୍ୟୁତ ଉପଭୋକ୍ତାଙ୍କୁ ଅକଥନୀୟ ଯନ୍ତ୍ରଣା ଦେବ। ଦଶନ୍ଧି ଦଶନ୍ଧି ଧରି ବିଦ୍ୟୁତ ଉପଭୋକ୍ତାମାନେ ପ୍ରଥମେ ବିଦ୍ୟୁତ ସେବା ପାଇବା ପରେ ବିଦ୍ୟୁତ ଶୁଳ୍କ ପ୍ରଦାନ କରି ଆସୁଥିଲେ। ପ୍ରିପେଡ ସ୍ମାଟ୍ ବିଦ୍ୟୁତ ମିଟର ପ୍ରଚଳନ ଫଳରେ ପ୍ରଥମେ ଟଙ୍କା ପ୍ରଦାନ ପରେ ବିଦ୍ୟୁତ ସେବା ପାଇବାର ନୂତନ ଧାରଣାକୁ ପ୍ରାଧାନ୍ୟ ଦିଆଯାଇଛି, ଯାହାକି ବିଦ୍ୟୁତ ସେବା ଭଳି ଅତ୍ୟାବଶ୍ୟକୀୟ ସେବା ପାଇବାର ଅଧିକାରରୁ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ବଂଚିତ କରିବ। ପ୍ରିପେଡ ସ୍ମାର୍ଟ ବିଦ୍ୟୁତ ମିଟର ହେଉଛି ସଠିକ୍ ବିଦ୍ୟୁତ ବିଲ ପାଇଁ ସଠିକ ସମାଧାନ ବୋଲି ପ୍ରଚାର କରାଗଲେ ମଧ ପ୍ରିପେଡ ସ୍ମାର୍ଟ ବିଦ୍ୟୁତ ମିଟର ଲାଗିବା ପରେ ଅତ୍ୟଧିକ ବିଦ୍ୟୁତ ବିଲ ଆସୁଥିବା ସଂପର୍କିତ ଗୁରୁତର ଅଭିଯୋଗ ଦେଶର ବିଭିନ୍ନ ଅଂଚଳର ବିଦ୍ୟୁତ ଉପଭୋକ୍ତାମାନେ ଆଣିଛନ୍ତି।

ଭାରତର ପାୱାର ସେକ୍ଟରରେ ଘରୋଇ ବିଦ୍ୟୁତ କମ୍ପାନୀମାନଙ୍କ ପ୍ରଭାବ ବିସ୍ତାରକୁ ପ୍ରିପେଡ ସ୍ମାର୍ଟ ବିଦ୍ୟୁତ ମିଟର ଆହୁରି ତ୍ୱରାନ୍ୱିତ କରିବ। ଏହି ପ୍ରିପେଡ ସ୍ମାର୍ଟ ମିଟର ପ୍ରଚଳନ ବିଦ୍ୟୁତ କ୍ଷେତ୍ରରେ ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ବିଜେପି ସରକାରର ସାମଗ୍ରିକ ମାରାତ୍ମକ ଯୋଜନାର ଏକ ଅଙ୍ଗ। ଏକ ଦେଶ, ଏକ ଗ୍ରୀଡ, ଏକ ଫ୍ରିକ୍ୱେନ୍ସି, ଏକ ମୂଲ୍ୟ(One Nation, One Grid, One Frequency, One Price) ଉଦ୍ୟମ" ବଜାର ଭିତ୍ତିକ ଅର୍ଥନୈତିକ ପ୍ରେରିତ'(Market-Based-Economic-Dispatch(MBED)) ପରିକଳ୍ପନା ଯାହାକି ୨୦୨୧ ମସିହାରେ ପ୍ରଚଳନ ହୋଇଛି। ଏହି ପରିକଳ୍ପନା ବିଦ୍ୟୁତ ପରିଚାଳନା କ୍ଷେତ୍ରରେ ରାଜ୍ୟ ମାନଙ୍କର ସ୍ୱାତନ୍ତ୍ରତାକୁ ଖର୍ବ କରିବ ଏବଂ ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା ବିଦ୍ୟୁତ ବଣ୍ଟନ କମ୍ପାନୀମାନଙ୍କୁ କେନ୍ଦ୍ରୀୟ ସିଷ୍ଟମ ମଧ୍ୟକୁ ଆଣିବ ଏବଂ ଏକଚାଟିଆ ଘରୋଇ ବିଦ୍ୟୁତ କମ୍ପାନୀମାନଙ୍କର ଶୋଷଣ କରିବାର ରାସ୍ତାକୁ ପ୍ରଶସ୍ତ କରିବ।

ଜାତୀୟ ସ୍ମାର୍ଟ ମିଟର ଲଗାଇବା ଏବଂ ପୁନର୍ଗଠିତ- ବଣ୍ଟନ କ୍ଷେତ୍ର ସ୍କିମ(Ravaomped Distribution Sector Scheme(RDSS)) ପ୍ରଣୟନ କରି କେନ୍ଦ୍ର ସରକାର ୯୭,୬୩୧ କୋଟି ଟଙ୍କା ଓ ରାଜ୍ୟ ବଣ୍ଟନ କମ୍ପାନୀ ୨,୦୬,୦୦୦ କୋଟି ଟଙ୍କା ବହନ କରିବେ ଏବଂ ଏହି ଅର୍ଥକୁ ବିଦ୍ୟୁତ ଉପଭୋକ୍ତାଙ୍କ ଉପରେ ଅଧିକ ଆର୍ଥିକ ବୋଝ ଭାବରେ ଲଦି ଦେବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସ୍କିମ ଅନିବାର୍ଯ୍ୟ ଭାବେ ବିଦ୍ୟୁତ କ୍ଷେତ୍ରରେ ସବସିଡି ବ୍ୟବସ୍ଥା ସମାପ୍ତ କରିବ। ଯଦି ରାଜ୍ୟ ସରକାରମାନେ କୌଣସି ପ୍ରକାର ସବସିଡି ଦେବେ ତେବେ ଡିରେକ୍ଟ ବେନିଫିଟ୍ ଟ୍ରାନ୍ସଫର(DBT) ବ୍ୟବସ୍ଥା ବା ପ୍ରତ୍ୟକ୍ଷ ସୁବିଧା ପ୍ରେରଣ ପ୍ରକ୍ରିୟାରେ ପ୍ରଦାନ କରିବେ। ଆମେ ଦେଖିଛୁ କିଭଳିଭାବେ ବିଗତ ଦିନରେ ରନ୍ଧନ ଗ୍ୟାସ(ଏଲପିଜି) ସିଲିଣ୍ଡର କ୍ରୟ କ୍ଷେତ୍ରରେ ଡି.ବି.ଟି(DBT) ସିଷ୍ଟମ ଦୁଃଖଦାୟକ ଭାବେ ବିଫଳ ହୋଇଛି, ରନ୍ଧନଗ୍ୟାସ ଉପଭୋକ୍ତାମାନେ ଦରବୃଦ୍ଧିର ବୋଝ ବୋହି ଚାଲିଛନ୍ତି। ଆହୁରି ମଧ୍ୟ ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ଅର୍ଥନୈତିକ ସଂସ୍ଥାଗୁଡିକ ବିକାଶଶୀଳ ଦେଶଗୁଡିକରେ ସ୍ମାର୍ଟ ଗ୍ରୀଡ ପ୍ରତିଷ୍ଠାପାଇଁ ଉତ୍ସାହିତ କରୁଛନ୍ତି। କିନ୍ତୁ ବହୁ ବିକଶିତ ଦେଶର ଅଭିଜ୍ଞତା ହେଉଛି ଏହି ସ୍ମାର୍ଟ ଗ୍ରୀଡ ବ୍ୟବସ୍ଥା ବିଫଳ ହୋଇଛି ଏବଂ ଏହା ବ୍ୟୟବହୁଳ ମଧ।

କେନ୍ଦ୍ର ବିଜେପି ସରକାର ବିଦ୍ୟୁତ୍ ଉପଭୋକ୍ତାଙ୍କ ଅଧିକାର ନିୟମାବଳୀ-୨୦୨୦(Electricity Right of Consumers, Rule-2020)ରେ ସଂଶୋଧନ କରି ପ୍ରିପେଡ ସ୍ମାର୍ଟ ମିଟର ଲଗାଇବା ଓ ଟାଇମ ଅଫ ଡେ(TOD) ତାରିଫ ସିଷ୍ଟମ ଲାଗୁ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ଟିଓଡି ତାରିଫ ବ୍ୟବସ୍ଥା ଲାଗୁ କରିବାକୁ ହେଲେ ସ୍ମାର୍ଟ ବିଦ୍ୟୁତ୍ ମିଟର ଲଗାଇବାକୁ ହେବ। ତେଣୁ କେନ୍ଦ୍ର ବିଜେପି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଯେ ୧ଏପ୍ରିଲ ୨୦୨୫ ପୂର୍ବରୁ କୃଷି କ୍ଷେତ୍ର ବ୍ୟତୀତ ଅନ୍ୟ ସମସ୍ତ ବର୍ଗର ବିଦ୍ୟୁତ ଉପଭୋକ୍ତାଙ୍କ ଘର ବା ସଂସ୍ଥାରେ ପ୍ରିପେଡ ସ୍ମାର୍ଟ ମିଟର ଲଗାଯିବ।

ରାଜ୍ୟ ସରକାରମାନେ ମଧ ଟିଓଡି ତାରିଫ୍ କିମ୍ବା ଡାଇନାମିକ୍ ପ୍ରାଇସ ପ୍ରଚଳନ କରି ବିଦ୍ୟୁତ ଶୁଳ୍କ ଆଦାୟର ବ୍ୟବସ୍ଥା କରୁଛନ୍ତି। ଅଧିକ ବିଦ୍ୟୁତ ବ୍ୟବହାର ହେଉଥିବା ସମୟ ପାଇଁ ବିଦ୍ୟୁତ ଶୁଳ୍କ ଓ କମ୍ ବିଦ୍ୟୁତ ବ୍ୟବହାର ହେଉଥିବା

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

# ୱାକଫ୍ ସଂଶୋଧନ ପାଇଁ ବିଜେପି ଏତେ ଉଦ୍‌ବିଗ୍ନ କାହିଁକି ?

ୱାକଫ୍ ଆଇନ ସଂଶୋଧନ ପାଇଁ ବିଜେପି ସରକାର ଲୋକସଭାରେ ବିଲ ଆଗତ କରିଛି । ସରକାରଙ୍କ ମତ ହେଉଛି ୱାକଫ୍ ସଂପତ୍ତିର ପରିଚାଳନାରେ ହେଉଥିବା ଦୁର୍ନୀତିକୁ ଏହି ସଂଶୋଧନ ଦ୍ୱାରା ଦୂର କରାଯିବ । ଯାହା ବାସ୍ତବରେ ଉଦ୍ଦେଶ୍ୟ ପ୍ରଣୋଦିତ । ଏଠାରେ ଏହି ଉପରେ ସଂକ୍ଷେପରେ ଆଲୋଚନା କରାଯାଇଛି ।

ଭାରତବର୍ଷରେ ବହୁ ଧର୍ମର ଲୋକ ବାସ କରନ୍ତି । ଏମାନଙ୍କ ମଧ୍ୟରେ ହିନ୍ଦୁ, ମୁସଲମାନ, ଜୈନ, ବୌଦ୍ଧ, ଖ୍ରୀଷ୍ଟିଆନ ବ୍ୟତୀତ ଅନ୍ୟାନ୍ୟ ଧର୍ମାବଲମ୍ବୀ ଗୋଷ୍ଠୀ ମଧ୍ୟ ଅଛନ୍ତି । ଧର୍ମ ସଂପର୍କୀୟ ଆଇନ ଆଣିବା ହେଉଛି ଅତ୍ୟନ୍ତ ସମ୍ବେଦନଶୀଳ ବିଷୟ । ଅତଏବ ଏ ବିଷୟରେ ବିଚାର କରିବାକୁ ହେଲେ ସବୁପ୍ରକାର ବିଦ୍ୱେଷପୂର୍ଣ୍ଣ ମାନସିକତା ଓ ଧର୍ମୀୟ ସଂସ୍କାରରୁ ମୁକ୍ତ ହେବା ବିଧେୟ ।

ୱାକଫ୍ ମୂଳତଃ ମୁସଲିମ୍ ଧର୍ମୀୟ ନିୟମକାନୁନ ଭିତ୍ତିରେ ତିଆରି ଗୋଟିଏ ଆଇନସମ୍ମତ ବ୍ୟବସ୍ଥା । ଯେଉଁ ବ୍ୟବସ୍ଥା ଅନୁଯାୟୀ ଧର୍ମୀୟ ବା ସେବାମୂଳକ କାର୍ଯ୍ୟ ପାଇଁ ସାଧାରଣ ଲୋକ ସ୍ଥାବର ଓ ଅସ୍ଥାବର ସଂପତ୍ତି ଦାନ କରନ୍ତି । ଯେଉଁମାନେ ୱାକଫ୍‌କୁ ଦାନ କରନ୍ତି ସେମାନଙ୍କୁ ୱାକଫି କୁହାଯାଏ । ଏହି ସଂପତ୍ତିରୁ ଯାହା ଆୟ ହୁଏ ତାହା ଜନସାଧାରଣଙ୍କ ପାଇଁ ବ୍ୟୟ କରାଯାଏ । ୱାକଫ୍ ସଂପତ୍ତି ଫେରସ୍ତ କିମ୍ବା ବିକ୍ରୟ ଯୋଗ୍ୟ ନୁହେଁ । ଏହି ସଂପତ୍ତି ଉତ୍ତରାଧିକାର ସୂତ୍ରରେ ମଧ୍ୟ ହସ୍ତାନ୍ତର କରାଯାଏ ନାହିଁ । ପ୍ରସଙ୍ଗତଃ ଉଲ୍ଲେଖ କରାଯିବା ଆବଶ୍ୟକ ଯେ, ୱାକଫ୍ ସଂପତ୍ତି ମୁସଲମାନ, ଅଣମୁସଲମାନ-ଅର୍ଥାତ୍ ଧର୍ମ ନିର୍ବିଶେଷରେ ଗରିବ ଜନସାଧାରଣ ପାଇଁ ବ୍ୟୟ କରାଯାଇଥାଏ ।

୧୯୨୩ ମସିହାରେ ପ୍ରଣୀତ ହୋଇଥିବା ୱାକଫ୍ ଆଇନ ସ୍ୱାଧୀନ ଭାରତରେ ଅନେକଥର ସଂଶୋଧନ କରାଯାଇଛି ।

ଏହି ଆଇନରେ ୧୯୯୫ ମସିହାରେ କରାଯାଇଥିବା ସଂଶୋଧନ ଅନୁଯାୟୀ ବର୍ତ୍ତମାନ ବଳବତ୍ତର ରହିଛି । ଏହି ଆଇନ ଅନୁଯାୟୀ କେନ୍ଦ୍ରୀୟ ୱାକଫ୍ କାଉନ୍‌ସିଲ ଏବଂ ରାଜ୍ୟଭିତ୍ତିକ ୩୦ଟି କାଉନ୍‌ସିଲ ଦାୟିତ୍ୱରେ ୱାକଫ୍ ସଂପତ୍ତି ରହିଛି । ମୁସଲିମ ଧର୍ମୀୟ ଆଇନର ବିଶେଷଜ୍ଞଙ୍କୁ ନେଇ ୱାକଫ୍ ବୋର୍ଡର ସଦସ୍ୟ ନିର୍ବାଚିତ ହୁଅନ୍ତି । ଏମାନଙ୍କ ହାତରେ ରହିଥାଏ ୱାକଫ୍ ସଂପତ୍ତିର ନିୟନ୍ତ୍ରଣ । ୱାକଫ୍ ସଂକ୍ରାନ୍ତ ବିଚାର ପାଇଁ ସିଭିଲ ଅଦାଲତର ସମାନ କ୍ଷମତାଧାରୀ ୱାକଫ୍ ଟ୍ରିବ୍ୟୁନାଲ ରହିଛି । ଏହାର ସିଦ୍ଧାନ୍ତ ବିରୁଦ୍ଧରେ ଅପିଲ କରିବା ବ୍ୟବସ୍ଥା ନାହିଁ । ହାଇକୋର୍ଟ ହୁଏତ ଏହି ସଂକ୍ରାନ୍ତ ବିଚାର ସିଧାସଳଖ ଗ୍ରହଣ କରନ୍ତି । ଏହି ଟ୍ରିବ୍ୟୁନାଲର ଚେୟାରମ୍ୟାନ ଭାବରେ ନିଯୁକ୍ତ ହୁଅନ୍ତି ରାଜ୍ୟ ସିଭିଲ ସର୍ଭିସର କେହି ଜଣେ ଅଫିସର, ଯାହାର ମୁସଲିମ ଆଇନ ସଂପର୍କରେ ଯଥେଷ୍ଟ ଜ୍ଞାନ ଥାଏ । ବିଚାରପତି ଶାଶ୍ୱତ କୁମାରଙ୍କ ଅଧ୍ୟକ୍ଷତାରେ ନିଯୁକ୍ତ କମିଟି ୨୦୧୧ ମସିହାରେ କହିଥିଲେ ଯେ ୱାକଫ୍ ଅଧୀନରେ ଥିବା ମୋଟ ସଂପତ୍ତି ମୂଲ୍ୟ ହେଉଛି ଏକ ଲକ୍ଷ ଦୁଇ ହଜାର କୋଟି ଟଙ୍କା । ଏଥିରୁ ବର୍ଷରେ ୧୨ହଜାର କୋଟି ଟଙ୍କା ଆୟ ହୋଇପାରେ । କିନ୍ତୁ ବର୍ତ୍ତମାନ ମାତ୍ର ୧୬୩କୋଟି ଟଙ୍କା ଆୟ ହେଉଛି । ଏଥିପାଇଁ କେତେକ ପଦକ୍ଷେପ ଗ୍ରହଣ କରିବା ପାଇଁ କମିଟି ସୁପାରିଶ କରିଥିଲେ ।

ଏହି ସୁପାରିଶ ଆଳରେ ଏବଂ ଏହାର ଭ୍ରାନ୍ତ ତର୍ଜମା କରି ସମଗ୍ର ୱାକଫ୍ ବ୍ୟବସ୍ଥା ଉପରେ ଅମଲାତାନ୍ତ୍ରିକ ନିୟନ୍ତ୍ରଣ ଆଣିବା ପାଇଁ ୨୦୨୪ ଅଗଷ୍ଟ ୮ତାରିଖରେ ବିଜେପି ସରକାର ଲୋକସଭାରେ ୱାକଫ୍ ସଂଶୋଧନ ବିଲ ଆଣିଥିଲେ । ଏହି ସଂଶୋଧନ ଅନୁଯାୟୀ ୱାକଫ ବୋର୍ଡ ଆଉ ଏକ ସ୍ୱୟଂ ଶାସିତ ସଂସ୍ଥା ହୋଇ ରହିବ ନାହିଁ । ଜିଲ୍ଲାପାଳ ଏହାର ମୁଖ୍ୟ ଭାବରେ କାମ କରିବେ । ଜିଲ୍ଲା ପ୍ରଶାସନ ୱାକଫ୍ ତାଲିକାରେ ଥିବା ଯେକୌଣସି ସଂପତ୍ତିକୁ ୱାକଫ୍ ସଂପତ୍ତି ନୁହେଁ ବୋଲି ସିଦ୍ଧାନ୍ତ ନେଇ ପାରିବେ । କୌଣସି ୱାକଫ୍ ସଂପତ୍ତିକୁ ସିଧା ସଳଖ ସରକାରୀ ସଂପତ୍ତିରେ ପରିଣତ କରିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇପାରିବେ । ଟ୍ରିବ୍ୟୁନାଲର ସିଦ୍ଧାନ୍ତ ଆଉ ସର୍ବମାନ୍ୟ ହେବ ନାହିଁ । ତାଙ୍କର ମୁସଲିମ ଆଇନ ସଂପର୍କୀୟ ଜ୍ଞାନ ନଥିଲେ ମଧ୍ୟ ଟ୍ରିବ୍ୟୁନାଲର ଚେୟାରମ୍ୟାନ ଅଣମୁସଲମାନ ହୋଇପାରିବେ । ଅଣମୁସଲମାନ ଏବଂ ଅନ୍ତତଃ ପାଂଚ ବର୍ଷ ପୂର୍ବରୁ ଯିଏ ଇସଲାମ ଧର୍ମଗ୍ରହଣ କରିନାହାନ୍ତି ତାଙ୍କର ଦାନ ୱାକଫ୍‌ରେ ଗ୍ରହଣଯୋଗ୍ୟ ହେବ ନାହିଁ । କେବଳ ମାଲିକ ତାଙ୍କ ସଂପତ୍ତି ୱାକଫ୍‌କୁ ଦାନ କରି ପାରିବେ । ଦୀର୍ଘ ଦିନରୁ ଦଖଲକାରୀ ଭାବେ ପାଇଥିବା ସଂପତ୍ତି କିମ୍ବା ବ୍ୟବହାରକାରୀ ୱାକଫ୍‌କୁ ଦାନ କରିପାରିବେ ନାହିଁ ।

ଏହି ସଂଶୋଧନ ପ୍ରସ୍ତାବରେ ମୁସଲିମ ସମାଜ ଶଙ୍କାଗ୍ରସ୍ତ ଅବସ୍ଥାରେ ଅଛନ୍ତି । କାରଣ ଜଣେ ଅଣମୁସଲମାନ ଏବଂ ଏହି ଧର୍ମର ରୀତି, ନୀତି ଓ ଆଇନ ସମ୍ବନ୍ଧରେ ଅଜ୍ଞ ବ୍ୟକ୍ତି ମଧ୍ୟ ୱାକଫ୍ ବୋର୍ଡର ହର୍ତ୍ତାକର୍ତ୍ତା ହୋଇପାରିବେ । ଦୀର୍ଘଦିନରୁ ୱାକଫ୍ ଭାବରେ ବ୍ୟବହୃତ ଜମିରେ ଥିବା ମସଜିଦ୍, କବରସ୍ଥାନ, ସ୍କୁଲ, ହସପିଟାଲ ଓ ଦୋକାନ ଇତ୍ୟାଦିକୁ ଛଡାଇ ନେବାର ନିରଙ୍କୁଶ କ୍ଷମତା ଜିଲ୍ଲା ପ୍ରଶାସନ ହାତକୁ ଚାଲିଯିବ । ଦାନ ଖଇରାତ କରିବା ମଣିଷର ମୌଳିକ ଅଧିକାର । ତାକୁ ସାଂପ୍ରଦାୟିକ ଦୃଷ୍ଟିଭଙ୍ଗୀରୁ ଛଡେଇ ନିଆଯିବ । କେବଳ ସେତିକି ନୁହେଁ, ୱାକଫ୍ ବୋର୍ଡ ହାତରୁ ଧର୍ମୀୟ ପ୍ରତିଷ୍ଠାନ ଏବଂ ଦାତବ୍ୟ ଅନୁଷ୍ଠାନ ନିର୍ମାଣ ଓ ପରିଚାଳନା ଅଧିକାର ଛଡେଇ ନିଆଯିବ । ଏହାଦ୍ୱାରା ୱାକଫ୍ ଆଇନର ମୂଳ ଉଦ୍ଦେଶ୍ୟ ପରାହତ ହେବ ଏବଂ ଶକ୍ତିଶାଳୀ ଲୋକମାନଙ୍କ ଦ୍ୱାରା ୱାକଫ ସଂପତ୍ତି ଅକ୍ତିଆର କରାଯିବାର ଅବାଧ ସୁଯୋଗ ସୃଷ୍ଟି ହେବ । ଏଥିରୁ ବିଜେପି ସରକାରଙ୍କ ଅସଲ ଉଦ୍ଦେଶ୍ୟ ସ୍ପଷ୍ଟ ବୁଝାପଡୁଛି ।

ଲୋକସଭାରେ ବିଜେପି ଦଳର ଏକକ ସଂଖ୍ୟାଗରିଷ୍ଠତା ନଥିବାରୁ ବିଲଟିକୁ ପୁଙ୍ଖାନୁପୁଙ୍ଖ ବିଚାର ଆଳରେ ବିଜେପି ସରକାର ୩୧ଜଣିଆ ସଂସଦୀୟ କମିଟି ବା ଜେପିସିକୁ ପଠାଇଛି । ଏହି କମିଟିର ମୁଖ୍ୟ ଭାବେ ବିଜେପି ସାଂସଦ ଜଗଦମ୍ବିକା ପାଲ ଅଛନ୍ତି । ସଂସଦୀୟ କମିଟିରେ ବିଲଟିକୁ ଅବିକଳ ଜୋର ଜବରଦସ୍ତ ପାଶ କରାଇ ନେବାପାଇଁ ବିଜେପି ସାଂସଦମାନେ ପ୍ରାଣପଣେ ଚେଷ୍ଟା ଚଳାଇଛନ୍ତି । ଯଦିଓ ବିରୋଧିଙ୍କ ପ୍ରବଳ ପ୍ରତିରୋଧର ସମ୍ମୁଖୀନ ହୋଇ ଜେପିସିରେ ଆଲୋଚନା ସମୟ ବଢାଇବାକୁ ରାଜି ହୋଇଛନ୍ତି । ୨୦୨୫ର ବଜେଟ ପର ଅଧିବେଶନରେ ବିଲ ଉପରେ ପୁନରାୟ ଆଲୋଚନା ହେବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି ।

ଆମ ଦେଶରେ ୱାକଫ୍ ଆଇନ ଏକମାତ୍ର ଧର୍ମୀୟ ପ୍ରତିଷ୍ଠାନ ଓ ତାର ସଂପତ୍ତି ସଂପର୍କିତ ଆଇନ ନୁହେଁ । ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ସମୟରୁ ହିଁ ମାଡ୍ରାସ ପ୍ରେସିଡେନ୍‌ସିର ମନ୍ଦିର ସଂକ୍ରାନ୍ତ ଆଇନ, ପରବର୍ତ୍ତୀ ସମୟରେ ଗୁରୁଦ୍ୱାର, ଗୀର୍ଜା ଇତ୍ୟାଦି ପ୍ରତିଷ୍ଠାନ ସଂକ୍ରାନ୍ତ ଆଇନ ଆସିଛି । ସ୍ୱାଧୀନ ଭାରତରେ ହିନ୍ଦୁମାନଙ୍କର ଦେବୋତ୍ତର ଆଇନ ପ୍ରଣୟନ କରାଯାଇଛି, ଯେଉଁଠି ସଂପୃକ୍ତ ଦେବତା ସଂପତ୍ତିର ମାଲିକ ବୋଲି ଗଣ୍ୟ ହୁଅନ୍ତି । ଭାରତୀୟ ଟ୍ରଷ୍ଟ ଆଇନ ଅନୁଯାୟୀ ଧର୍ମ ସଂକ୍ରାନ୍ତ ପ୍ରତିଷ୍ଠାନଗୁଡ଼ିକୁ ନେଇ ଯେଉଁ ଟ୍ରଷ୍ଟ ବା ବୋର୍ଡ ଗଠନ ହୁଏ, ସେଥିରେ ଥିବା ସଦସ୍ୟମାନେ ସେହି ଧର୍ମାବଲମ୍ବୀ ହିଁ ହୋଇଥାନ୍ତି । ଏହା ସ୍ୱାଭାବିକ । କିନ୍ତୁ ୱାକଫ୍ ସଂଶୋଧନ ବିଲରେ କୁହାଯାଇଛି ଯେ ଏହା ଇସଲାମୀୟ ଶରିୟତ ଅନୁଯାୟୀ ଗଠିତ ହେଲେ ମଧ୍ୟ ଏହାର ସଦସ୍ୟ ଅନ୍ୟ ଧର୍ମାବଲମ୍ବୀ ହୋଇପାରିବେ ।

ସାଧାରଣତଃ ଏହିସବୁ ସଂସ୍ଥାର ଅଂଶୀଦାରମାନେ ଯେଉଁ ଧର୍ମର ସେମାନେ ହିଁ ଏହାର ନୀତି ନିର୍ଦ୍ଧାରଣ କରିଥାନ୍ତି । କିନ୍ତୁ ଏ ଦେଶରେ ଯେକୌଣସି ସରକାର ଓ ତା'ର ପରିଚାଳକ ରାଜନୈତିକ ଦଳଗୁଡିକ ଏହିସବୁ ସଂସ୍ଥାକୁ ନିୟନ୍ତ୍ରଣ କରିବା ଓ ନିଜ ସ୍ୱାର୍ଥ ହାସଲ ପାଇଁ କାମରେ ଲଗାଇବାର କୌଣସି ସୁଯୋଗ ହାତଛଡା କରନ୍ତି ନାହିଁ । ଏହା ସହିତ ବହୁ ଦୁର୍ନୀତି ମଧ୍ୟ ରହିଥାଏ ।

ଆଉ ଗୋଟିଏ କଥା ହେଉଛି ଏହି ବିଲ୍ ସମ୍ବନ୍ଧରେ ରାଜ୍ୟ ସରକାର ମାନଙ୍କ ସହିତ କୌଣସି ପରାମର୍ଶ କରାଯାଇନାହିଁ । ଜମି ଅଧିଗ୍ରହଣ ଅଧିକାର ରାଜ୍ୟ ସରକାରଙ୍କ ହାତରେ ଅଛି । ୱାକଫ୍ ବୋର୍ଡ ରାଜ୍ୟ ଗୁଡ଼ିକରେ ମଧ୍ୟ ଅଛି । କେନ୍ଦ୍ର ସରକାର କ'ଣ ଜାଣି ନାହାନ୍ତି ଯେ ମୁସଲମାନଙ୍କ ଛଡା ହିନ୍ଦୁମାନେ ମଧ୍ୟ ୱାକଫ୍‌କୁ ଦାନ କରନ୍ତି ? ଜନସାଧାରଣଙ୍କ କଲ୍ୟାଣ ପାଇଁ ସ୍କୁଲ, ହଷ୍ଟେଲ ସହ ଅନେକ କିଛି ୱାକଫ୍ ସଂପତ୍ତିରେ ରହିଛି । ବହୁ ୱାକଫ୍ ଅଣମୁସଲମାନଙ୍କ ସଂପତ୍ତିରେ ତିଆରି ହୋଇଛି । କଲିକତାର ପାମ ଏଭେନିୟୁ, ପାର୍କ ସର୍କସ, ବକ୍ତିଆର ଶାହା ରୋଡ ସହ ନାନା ସ୍ଥାନ ୱାକଫ୍‌ର ବେଦଖଲ ସଂପତ୍ତି ଆଇନ ଅନୁଯାୟୀ ସଂପୂର୍ଣ୍ଣ ଉଦ୍ଧାର ହୋଇଛି । ତା ଜନସ୍ୱାର୍ଥରେ ବ୍ୟବହୃତ ହୋଇଛି । କେବଳ କଲିକତା ନୁହେଁ ଦେଶର ବିଭିନ୍ନ ସ୍ଥାନରେ ଏହାର ନଜିର ରହିଛି । ବର୍ତ୍ତମାନ ଆଶଙ୍କା ହେଉଛି, ଏହିଭଳି ବହୁ ସଂପତ୍ତିକୁ କେନ୍ଦ୍ରୀୟ ସରକାର ଦଖଲ କରିବାର ମସୁଧା ନେଇ ସଂଶୋଧନ ବିଲ ଆଣିଛନ୍ତି । ଆହୁରି ମଧ୍ୟ ଆଶଙ୍କା ହେଉଛି, ଖ୍ରୀଷ୍ଟିଆନ, ଜୈନ, ଶିଖ, ବୌଦ୍ଧ ପ୍ରଭୃତି ଧର୍ମୀୟ ପ୍ରତିଷ୍ଠାନ ଗୁଡିକର ସ୍ୱାୟତ୍ତ ଶାସନର ଅଧିକାର ଛଡେଇ ନେବାର ଏହା ଉପକ୍ରମ ନୁହେଁ ତ ?

ଦେଶର ଅନ୍ୟ ସମସ୍ତ ସଂସ୍ଥା ଭଳି ୱାକଫ୍ ବୋର୍ଡରେ କିଛି ଦୁର୍ନୀତି ରହିଥାଇପାରେ । ମାତ୍ର କେବଳ ଏହି କାରଣ ପାଇଁ ୱାକଫ୍ ବୋର୍ଡକୁ ଅକାର୍ଯ୍ୟକାରୀ କରିଦେଇ ତାକୁ ସରକାରୀ କବ୍‌ଜାକୁ ନେଇଯିବା କ'ଣ ଯୁକ୍ତି ସଙ୍ଗତ ?

ଆଜିକାଲି ପୁଣି ସବୁ ମସଜିଦ୍ ତଳେ ମନ୍ଦିର ବାହାରୁଛି । ଏହାର ଏକ ଲମ୍ବା ତାଲିକ ଆରଏସ୍‌ଏସ୍ ପାଖରେ ଅଛି । ସାଂପ୍ରଦାୟିକତାର ବିଷାକ୍ତ ପରିବେଶ ସୃଷ୍ଟି କରି ମୁସଲମାନଙ୍କୁ ବିଦେଶୀଭାବେ ଚିହ୍ନିତ କରିବା ଏବଂ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ହିନ୍ଦୁମାନଙ୍କ ନିକଟରେ ମଥାନତ କରି ରହିବାର ବିଭେଦମୂଳକ ଦୃଷ୍ଟିଭଙ୍ଗୀ ନେଇ ବିଜେପି ସର୍ବଦା ଉଦ୍ୟମ କରିଚାଲିଛି ।

ୱାକଫ୍ ଆଇନ ସଂଶୋଧନ ଆଳରେ ଏହି ଉଦ୍ଦେଶ୍ୟ ପୂରଣ କରିବାକୁ ବିଜେପି ଚାହୁଁଛି । ଏହାକୁ ପ୍ରତିରୋଧ କରିବା ହେଉଛି ପ୍ରତ୍ୟେକ ଗଣତନ୍ତ୍ର- ପ୍ରେମୀ ଓ ଶୁଭବୁଦ୍ଧି ସଂପନ୍ନ ମନୁଷ୍ୟର କର୍ତ୍ତବ୍ୟ ।

★★★

## ଘରୋଇ ବିଦ୍ୟୁତ . . .

*(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)*

ସମୟ ପାଇଁ ବିଦ୍ୟୁତ ଦେୟ(ଶୁଳ୍କ) ମଧ୍ୟରେ ପାର୍ଥକ୍ୟ ରହିବ । ଏହି ଟିଓଡି ତାରିଫ ସିଷ୍ଟମ ଅନୁସାରେ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ ଦ୍ୱାରା ନିର୍ଦ୍ଧାରିତ ଅପେକ୍ଷାକୃତ କମ ବିଦ୍ୟୁତ ବ୍ୟବହାର ହେଉଥିବା ସମୟରେ ବ୍ୟବହୃତ ବିଦ୍ୟୁତର ଶୁଳ୍କ ଶତକଡା ୧୦ରୁ ୨୦ ଭାଗ କମ ହେବ ଏବଂ ଅଧିକ ବିଦ୍ୟୁତ ବ୍ୟବହୃତ ହେଉଥିବା ସମୟରେ (Peak Hours) ଶତକଡା ୧୦ରୁ ୨୦ଭାଗ ଅଧିକ ହେବ । ଟିଓଡି ବ୍ୟବସ୍ଥାରେ ଅସଂଗତ ଓ ଅତ୍ୟଧିକ ବିଦ୍ୟୁତ୍ ଶୁଳ୍କ ନିର୍ଦ୍ଧାରଣ ସ୍କିମ୍ ଗରିବ ଓ ମଧ୍ୟବିତ୍ତ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଅକଥନୀୟ ଶୋଷଣର ଶୀକାର କରିବ । ଟିଓଡି ତାରିଫ ବିଦ୍ୟୁତ ଉପଭୋକ୍ତାମାନଙ୍କ ଉପରେ ଅତ୍ୟଧିକ ଆର୍ଥିକ ବୋଝ ସୃଷ୍ଟି କରିବ ।

ଚାଷୀ ଓ ବିଦ୍ୟୁତ କର୍ମଚାରୀମାନଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣଙ୍କ ଦୃଢ ପ୍ରତିବାଦ ସତ୍ତ୍ୱେ କେନ୍ଦ୍ର ବିଜେପି ସରକାର ବିଦ୍ୟୁତ(ସଂଶୋଧନ) ବିଲ ୨୦୨୨କୁ ଆଇନରେ ପରିଣତ କରିବାପାଇଁ ପାର୍ଲାମେଣ୍ଟରେ ଆଗତ କରିଛନ୍ତି ଏବଂ ଏ ଦିଗରେ ଅଗ୍ରସର ହେଉଛନ୍ତି । ଶକ୍ତିପାଇଁ ସଂସଦୀୟ ଷ୍ଟାଣ୍ଡିଙ୍ଗ୍ କମିଟି ନିକଟକୁ ଏହି ବିଲକୁ ସରକାର ପଠାଇଛନ୍ତି । ଏହି ବିଲ ଆଇନରେ ପରିଣତ ହେଲେ ବିଦ୍ୟୁତ କ୍ଷେତ୍ର ସଂପୂର୍ଣ୍ଣଭାବେ ଘରୋଇ ବିଦ୍ୟୁତ କମ୍ପାନୀମାନଙ୍କ ନିୟନ୍ତ୍ରଣରେ ରହିବ, ରାଜ୍ୟ ସରକାରଙ୍କ କୌଣସି ନିୟନ୍ତ୍ରଣ ରହିବ ନାହିଁ । ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ପରିବର୍ତ୍ତେ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ(ସିଆରସି)ର ମୋହର ମାରି ଘରୋଇ ବିଦ୍ୟୁତ ବଣ୍ଟନ କମ୍ପାନୀମାନଙ୍କର ଅତ୍ୟଧିକ ଲାଭ ପାଇଁ ଅହେତୁକ ବିଦ୍ୟୁତ ଶୁଳ୍କ ବୃଦ୍ଧି କରାଯିବ । ସାରା ଦେଶରେ ଗୋଟିଏ ବିଦ୍ୟୁତ ଶୁଳ୍କ ନିର୍ଦ୍ଧାରିତ ହେବାଫଳରେ ବିଦ୍ୟୁତ ଉତ୍ପାଦନ ହେଉଥିବା ରାଜ୍ୟର ଜନସାଧାରଣ ଚରମ ଶୋଷଣର ଶୀକାର ହେବେ । ବାସ୍ତବରେ ବିଦ୍ୟୁତସେବା କ୍ଷେତ୍ରରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ସେମାନଙ୍କର ଦାୟିତ୍ୱରୁ ଏଡେଇ ଯାଇ ଯିବେ ଏବଂ ଏକଚାଟିଆ କମ୍ପାନୀମାନଙ୍କ ଦ୍ୱାରା ଶୋଷିତ ହେବାପାଇଁ ସାଧାରଣ ଖାଉଟିକୁ ଛାଡି ଦେବାପାଇଁ ଏହି ନୂତନ ବ୍ୟବସ୍ଥା ପ୍ରଣୟନ କରାଯାଇଛି ।

କେନ୍ଦ୍ର ବିଜେପି ସରକାରର ଏହି ଧରଣର ପଦକ୍ଷେପ ବର୍ତ୍ତମାନ ବିଦ୍ୟୁତ ଉପଭୋକ୍ତାମାନଙ୍କୁ ସଂକଟମୟ ପରିସ୍ଥିତିରେ ପକାଇଛି । ବିଦ୍ୟୁତ ଉପଭୋକ୍ତାମାନଙ୍କ ଅଧିକାରକୁ ସୁରକ୍ଷିତ ରଖିବା ଏବଂ ବିଦ୍ୟୁତ ସେବାଭଳି ଏକ ଜରୁରୀ ନିତ୍ୟ ପ୍ରୟୋଜନୀୟ ସେବା କ୍ଷେତ୍ରକୁ ଘରୋଇ ବିଦ୍ୟୁତ ବଣ୍ଟନ କମ୍ପାନୀମାନଙ୍କ କବଳରୁ ମୁକ୍ତ କରିବାକୁ ମିଳିତ ଲଢେଇର ପ୍ରୟୋଜନ ରହିଛି । ବିଦ୍ୟୁତ ସେବାର ଘରୋଇ କରଣ, ପ୍ରିପେଡ ସ୍ମାର୍ଟ ବିଦ୍ୟୁତ ମିଟର ଲଗାଇବା, ବିଦୁ୍ୟତ ସଂଶୋଧନ ବିଲ-୨୦୨୨, ଟାଇମ ଅଫ ଡେ(Time of Day)ତାରିଫ ବ୍ୟବସ୍ଥା ଓ ବିଦ୍ୟୁତ ଶୁଳ୍କ ବୃଦ୍ଧି ବିରୁଦ୍ଧରେ ଐକ୍ୟବଦ୍ଧ ଶକ୍ତିଶାଳୀ ବିଦ୍ୟୁତ ଉପଭୋକ୍ତା ଆନ୍ଦୋଳନ ଗଢିତୋଳିବା ପାଇଁ ରାଜ୍ୟର ବିଦ୍ୟୁତ ଉପଭୋକ୍ତାମାନଙ୍କୁ ନିବେଦନ କରୁଛୁ ।

★★★

Regd.No-ORI ORI/2011/37220 • VOL.NO. 12, ISSUE NO. 02 • ମୂଲ୍ୟ-୫ଟଙ୍କା

## ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସୁନ୍ଦରଗଡ ଜିଲ୍ଲା କମିଟିର ସମର୍ଥନ




ରାଉରକେଲା ବିମାନ ବନ୍ଦରକୁ ପୂର୍ଣାଙ୍ଗ ବନ୍ଦର ପାଇଁ ୪ସି ଲାଇସେନ୍ସ ପ୍ରଦାନ, ଆଇଏଲଏସ ଓ ଏନଏଲଏସ ବ୍ୟବସ୍ଥା, ଏୟାରପୋର୍ଟ ଅଥରିଟି ଅଫ ଇଣ୍ଡିଆକୁ ବିମାନବନ୍ଦର ମାଲିକାନା ହସ୍ତାନ୍ତର, ନିୟମିତ ବିମାନ ଚଳାଚଳ ସହିତ ଦେଶର ପ୍ରମୁଖ ସହରକୁ ବିମାନ ଚଳାଇବା ଇତ୍ୟାଦି ଦାବିରେ ରାଉରକେଲା ବିମାନ ବନ୍ଦର କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଚାଲିଥିବା ଅନିର୍ଦ୍ଦିଷ୍ଟ କାଳୀନ ଆନ୍ଦୋଳନକୁ ଏସୟୁସିଆଇ(କମ୍ୟୁନିଷ୍ଟ) ସୁନ୍ଦରଗଡ଼ ଜିଲ୍ଲା କମିଟି ତରଫରୁ ସମର୍ଥନ ଜ୍ଞାପନ କରାଯାଇଛି ଏବଂ ଦଳ ଏହି ଆନ୍ଦୋଳନରେ ସାମିଲ ହୋଇଛି। ଜିଲ୍ଲା ସମ୍ପାଦକ କମ୍ରେଡ ଅଜିତ ନାୟକଙ୍କ ନେତୃତ୍ୱରେ କମ୍ରେଡ୍ ଶ୍ରୀନିବାସ ସେଠୀ, ଧୋବେଇ ବେହେରା, ଶେଖ ଇସଲାମ, ସୁବାସ ଦଣ୍ଡପାଟ ପ୍ରମୁଖ ଜିଲ୍ଲା କମିଟିର ସଦସ୍ୟ ମାନଙ୍କୁ ନେଇ ଗଠିତ ଏକ ପ୍ରତିନିଧି ମଣ୍ଡଳୀ ଏୟାର ପୋର୍ଟ ଗେଟ ସମ୍ମୁଖରେ ଚାଲିଥିବା ଧାରଣା ସ୍ଥଳରେ ପହଂଚି ଆନ୍ଦୋଳନ ପ୍ରତି ସମର୍ଥନ ଘୋଷଣା କରିବା ସହିତ ଅବିଳମ୍ବେ କେନ୍ଦ୍ର ଓ ରାଜ୍ୟ ସରକାର ଓ ପ୍ରଶାସନ ଏହି ନ୍ୟାୟସଂଗତ ଦାବି ମାନିନେବାକୁ ଦାବି ଜଣାଇଥିଲେ।

## କୃଷିକ୍ଷେତ୍ରକୁ କର୍ପୋରେଟ ମାନଙ୍କ ହାତକୁ ଟେକିଦେବା ପାଇଁ ନୂତନ ଷଡ଼ଯନ୍ତ୍ର ର ପ୍ରତିବାଦ




୨୦୧୪ ମସିହାରେ କ୍ଷମତାସୀନ ହେବାପରେ କେନ୍ଦ୍ର ବିଜେପି ସରକାର ସମଗ୍ର ଦେଶର କୃଷି କ୍ଷେତ୍ର ଓ କୃଷି ବ୍ୟବସ୍ଥାକୁ ଏକଚାଟିଆ ପୁଞ୍ଜିପତି ମାନଙ୍କ ହାତକୁ ଟେକିଦେବା ଉଦ୍ଦେଶ୍ୟରେ ତିନିଟି କଳା କୃଷି ଆଇନ ପ୍ରଣୟନ କରିଥିଲେ।

ଦିଲ୍ଲୀ ସୀମାନ୍ତରେ ଅନୁଷ୍ଠିତ ଗୌରବୋଜ୍ଜ୍ୱଳ ଚାଷୀ ଆନ୍ଦୋଳନର ଚାପରେ କେନ୍ଦ୍ର ବିଜେପି ସରକାର ଏହି ଆଇନ ଗୁଡ଼ିକୁ ପ୍ରତ୍ୟାହାର କରିବା ପାଇଁ ବାଧ ହୋଇଥିଲା। ଏବେ ପୁନରାୟ ସେହି ଆଇନ ଗୁଡିକୁ ପଛ ଦ୍ୱାର ବାଟେ ଭିନ୍ନ ରୂପରେ ଲାଗୁ କରି ସମଗ୍ର କୃଷି ବଜାରର କର୍ପୋରେଟକରଣ ପାଇଁ ନୂଆ କୃଷି ବଜାର ନୀତି ସଂପର୍କିତ ଏକ ଚିଠା ପ୍ରଣୟନ କରିଛନ୍ତି । ମାରାତ୍ମକ ଭାବରେ ଜନସ୍ୱାର୍ଥ ବିରୋଧି ଏହି ଚିଠା ପ୍ରତ୍ୟାହାର ଦାବିରେ ସଂଯୁକ୍ତ କିଶାନ୍ ମୋର୍ଚ୍ଚାର ଡ଼ାକରାରେ ଏଆଇକେକେଏମ୍‌ଏସ୍ ପକ୍ଷରୁ ସାରା ଦେଶରେ ଗାଁ ମାନଙ୍କରେ ସେହି ଚିଠା ଆଇନ ପୋଡା ଯାଇଛି। ଓଡ଼ିଶାରେ ଏହି ଡାକାର ଅନୁଯାୟୀ ବିଭିନ୍ନ ଗାଁରେ ପ୍ରତିବାଦ କରାଯିବା ସଙ୍ଗେ ସଙ୍ଗେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରିବା ପାଇଁ ଏଆଇ କେକେଏମ୍‌ଏସ୍ ପକ୍ଷରୁ ଦିଆଯାଇଥିବା ଡାକରାରେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମର କେତୋଟି ଫଟୋ ଏଠାରେ ଦିଆଯାଇଛି।

## ଭୁବନେଶ୍ୱରରେ ଫକୀରମୋହନ ଜୟନ୍ତୀ ପାଳିତ




ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଭୁବନେଶ୍ୱର ବାଣୀବିହାରରେ ଥିବା ଫକୀରମୋହନଙ୍କ ପ୍ରତିକୃତି ନିକଟରେ ପାଳିତ ହୋଇଯାଇଛି। ଏସ୍‌ୟୁସିଆଇ(ସି) ରାଜ୍ୟ କମିଟି ସଦସ୍ୟ କମ୍ରେଡ୍ ରାଜେନ୍ଦ୍ର ବର୍ମା, ଏଆଇଏମ୍‌ଏସ୍‌ଏସ୍ ପକ୍ଷରୁ ପ୍ରଭାମଞ୍ଜୁଳା ବ୍ରହ୍ମ, ବିଜୟଲକ୍ଷ୍ମୀ ପାତ୍ର, ଏଆଇଡିଏସ୍‌ଓ ପକ୍ଷରୁ ନସିମ ସରକାର ସପ୍ତର୍ଷିନୀ ରାଉଳ ତଥା ଏଆଇଡିୱାଇଓ ପକ୍ଷରୁ ସନ୍ତୋଷ ବରାଳ ପ୍ରମୁଖ ମାଲ୍ୟାର୍ପଣ କରିବା ସହିତ ଫକୀରମୋହନଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହିତ ଶିଶୁପାଳଗଡସ୍ଥ ଇନ୍ଦିରା ହାଉସିଂ କଲୋନୀ, ବାଜିରାଉତ ସାଂସ୍କୃତିକ କେନ୍ଦ୍ର ଓ ବାଲିଅନ୍ତା ବ୍ଲକ୍‌ର ହୀରାପୁରରେ ଫକୀର ମୋହନ ଜୟନ୍ତୀ ପାଳନ କରାଯାଇଥିଲା।

## କମ୍ରେଡ୍ ଚନ୍ଦ୍ରମଣି ମାଝୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ପୁରୁଖା ଆବେଦନକାରୀ ସଦସ୍ୟ କମ୍ରେଡ ଚନ୍ଦ୍ରମଣି ମାଝୀ ଜାନୁଆରି ୮ ତାରିଖରେ ୭୫ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। କମ୍ରେଡ୍ ମାଝି ଦୀର୍ଘ ସମୟ ଧରି ଅସୁସ୍ଥ ଥିଲେ।

କମ୍ରେଡ ମାଝି ୧୯୬୭-୭୦ ମସିହାରେ ଯାଜପୁର ଜିଲ୍ଲାର ଏନ୍‌ସି କଲେଜରେ ଛାତ୍ର ଥିଲାବଳେ ବିପ୍ଳବୀ ଛାତ୍ର ସଂଗଠନ ଏଆଇଡିଏସ୍‌ଓ ସହିତ ଯୁକ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ପ୍ରଥମେ କଟକ ଓ ପରେ ଭୁବନେଶ୍ୱରରେ ସରକାରୀ ଚାକିରି କରିବା ସମୟରେ ପାର୍ଟିର କଟକ ସିଟି କମିଟିର ପରିଚାଳନାରେ ଦଳୀୟ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ସାମିଲ ହୋଇଥିଲେ ଏବଂ କଟକ ଆଂଚଳିକ କମିଟିର ସଦସ୍ୟ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ଉଦ୍ୟମରେ ତାଙ୍କ ଗାଁ ଯାଜପୁର ଜିଲ୍ଲାର ତ୍ରିଲୋଚନପୁରରେ ଚାଷୀ ସଂଗଠନ ସହିତ ଛାତ୍ର ଓ ଯୁବ ସଂଗଠନ ମଧ୍ୟ ଗଢି ଉଠିଥିଲା। ଦଳର ଯୁବ କର୍ମୀମାନଙ୍କ ପ୍ରତି ତାଙ୍କର ଗଭୀର ଭଲପାଇବା ଥିଲା। ଦୀର୍ଘ ଅସୁସ୍ଥତା ଯୋଗୁ ଶଯ୍ୟାଶାୟୀ ଅବସ୍ଥାରେ ମଧ ସେ ପାର୍ଟି କମ୍ରେଡମାନଙ୍କର ଭଲ ମନ୍ଦ ଖବର ନେଉଥିଲେ। ତାଙ୍କ ମୃତ୍ୟୁରେ ପାର୍ଟି କଟକ ଜିଲ୍ଲା କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ଏଆଇଡିଏସ୍‌ଓ, ଏଆଇଡିୱାଇଓ, ଏଆଇଏମ୍‌ଏସ୍‌ଏସ୍ ତରଫରୁ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉପଲକ୍ଷେ ସଭା




ରାଉରକେଲା ସେକ୍ଟର-୭ କମ୍ୟୁନିଟି ସେଣ୍ଟର ଠାରେ ସ୍ଥାପିତ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ନିକଟରେ ୧୪ ତାରିଖ ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଏଆଇଡିୱାଇଓ, ଏଆଇଡିଏସଓ, ଏଆଇଏମ୍‌ଏସ୍‌ଏସ୍ ଓ ସାତନମ୍ବର କମ୍ୟୁନିଟି ସେଣ୍ଟର ତରଫରୁ ପାଳିତ ହୋଇଥିଲା। କମ୍ରେଡ୍ ଧୋବେଇ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଜୟନ୍ତୀ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଶରତ କୁମାର ପାତ୍ର, କଲଚରାଲ ଏକାଡେମୀର ସଭାପତି ଶ୍ରୀଯୁକ୍ତ ପଶୁପତିନାଥ ଚାଟାର୍ଜୀ, ଶିକ୍ଷାବିଦ୍ ପ୍ରଶାନ୍ତ କୁମାର ପତି ପ୍ରମୁଖ ଯୋଗଦେଇ ଫକୀରମୋହନଙ୍କ ବିଭିନ୍ନ କୃତି ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକନେତା ସତ୍ୟପ୍ରିୟ ମହାନ୍ତି, ବିଦ୍ୟୁତ ମହାନ୍ତ, ବିରେନ ନାଏକ, ସୁବାସ ଦଣ୍ଡପାଟ, ଶେଖ ଇସଲାମ ପ୍ରମୁଖ ସଂଗଠନର ନେତାମାନେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଫକୀରମୋହନ ଙ୍କ ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି, ମାର୍କେଟ କମିଟି, କମ୍ୟୁନିଟି ସେଣ୍ଟରର କର୍ମକର୍ତ୍ତା ତଥା ଛାତ୍ର-ଯୁବକ, ମହିଳା ମାନେ ଯୋଗ ଦେଇଥିଲେ।

## ଅଲ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟିର ସର୍ବଭାରତୀୟ କନଭେନସନ




କଲିକତାର ରାମମୋହନ ଲାଇବ୍ରେରୀ ହଲରେ ଅଲ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟିର ଏକ ସର୍ବଭାରତୀୟ କନଭେନସନ ଜାନୁୟାରୀ ୫ ତାରିଖ ୨୦୨୫ ରେ କମ୍ରେଡ଼ ଶମ୍ଭୁନାଥ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବକ୍ତା ଭାବେ ବିଶିଷ୍ଟ ବିଜ୍ଞାନୀ ପ୍ରଫେସର ଧ୍ରୁବଜ୍ୟୋତି ମୁଖୋପ୍ୟାଧ୍ୟୟ, ଭଟ୍ଟନାଗର ଉପାଧି ସମ୍ମାନିତ ପ୍ରଫେସର ସୌମିତ୍ର ବାନାର୍ଜୀ, ପଦ୍ମଶ୍ରୀ ମଧୁମାନସୁରି, ମଧ୍ୟପ୍ରଦେଶର ବିଶିଷ୍ଟ ପରିବେଶବିତ ଶ୍ରୀଯୁକ୍ତ ବିକ୍ରମ ଆଚାଲିଆ, ଜନ ଅଧିକାର ସୁରକ୍ଷା କମିଟିର ଉପଦେଷ୍ଟା କମ୍ରେଡ଼ ସ୍ୱପନ ଘୋଷ, ସମ୍ପାଦକ କମ୍ରେଡ଼ ବିଶ୍ୱମ୍ଭର ମୁରା ପ୍ରମୁଖ ଯୋଗ ଦେଇ ମୁଖ୍ୟତଃ ଅବାଧ ବୃକ୍ଷ ଓ ଜଙ୍ଗଲ ବିନାଶ ଯୋଗୁ ବିଶ୍ୱ ତାପମାନ ବୃଦ୍ଧି(Global Warming) ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁ ମାନବ ସଭ୍ୟତା ଉପରେ ଭୟଙ୍କର ବିପଦ ଘନେଇ ଆସୁଥିବା ସଂପର୍କରେ ଆଲୋଚନା କରିଥିଲେ। ଏଥିସହିତ ଜଙ୍ଗଲ ସଂରକ୍ଷଣ ଆଇନ ୨୦୨୨, ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ ୨୦୨୩, ଜଙ୍ଗଲ ଅଧିକାର ଆଇନ ୨୦୦୬ର କାର୍ଯ୍ୟକାରିତା ଯୋଗୁ ଆଦିବାସୀ ଓ ଜଙ୍ଗଲ ଅଧିବାସୀ ଉପରେ ଏହାର କୁପ୍ରଭାବ, ଜନଜାତିଙ୍କୁ ଅବାଧ ଭାବେ ଉଚ୍ଛେଦ, ପ୍ରାକୃତିକ ସମ୍ବଳର ଅବାଧ ନଷ୍ଟ ସଂକ୍ରାନ୍ତରେ ବକ୍ତାମାନେ ଆଲୋଚନା କରିବା ସହିତ ଆଗାମୀ ଦିନରେ ଦେଶବ୍ୟାପୀ ଶକ୍ତିଶାଳୀ ଆନ୍ଦୋଳନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ। ଏହି କନଭେନସନରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das